

Odia Daily

www.theutkalsamachar.com

ଉତ୍କଳ ସମାଗମ

ଦୈନିକ ଓଡ଼ିଆ ସାଧାରଣ ସମ୍ବାଦପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.ORISUN-07/2007-09 ◆ RNI. Regd. No.ORIORI/2004/17448

ଆବଶ୍ୟକ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଗମ' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rkl, Mob:9439951525, Email: utkalsamachar@gmail.com

+Vol - 19+ Issue No:257+21 January 2024 (Sunday) + Rourkela + Rs.2.00 + Page -6 +୧୯ ବର୍ଷ +ସଂଖ୍ୟା :୨୫୭+୨୧ ଜାନୁଆରୀ ୨୦୨୪ (ରବିବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ଆଇଆଇଟି ହାଇଦ୍ରାବାଦରେ 'ଇନଭେନଟିଭ'ର ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ

ଗବେଷଣା, ଉଦ୍ଭାବନ ଏବଂ ଉଦ୍ୟମିତାକୁ ପରିବର୍ତ୍ତନର ସାରଥୀ କରିବ ଭାରତ: ଧର୍ମେନ୍ଦ୍ର ପ୍ରଧାନ



ହାଇଦ୍ରାବାଦ,୨୦/୧: ପ୍ରାଚୀନ ଭାରତ ଉଦ୍ଭାବନର ଭୂମି ଥିଲା । ଆଜିର ଆଧୁନିକ ଭାରତ ବିଶ୍ୱ ମିତ୍ର ଭାବରେ କାର୍ଯ୍ୟ କରି ଟେକ୍ନୋଲୋଜିର ଉପଯୋଗ କରି ଆମର ବ୍ୟବଧାନକୁ ଦୂର କରିବା ସହ ନୂଆ ଉଚ୍ଚତାରେ ପହଞ୍ଚୁଛି । ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଲକ୍ଷ୍ୟରେ ଅଗ୍ରସର ଆମ ଦେଶ ଗବେଷଣା, ଉଦ୍ଭାବନ ଏବଂ ଉଦ୍ୟମିତାକୁ ପରିବର୍ତ୍ତନର ସାରଥୀ କରିବାର ଲକ୍ଷ୍ୟ ରଖିଛି । ଆଇଆଇଟି ହାଇଦ୍ରାବାଦରେ ଇନଭେନଟିଭ (ଓଓଭଙ୍ଗରଭଅସଙ୍ଗ)ର ଦ୍ୱିତୀୟ ସଂସ୍କରଣର ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଉକ୍ତ ଶିକ୍ଷାନୁଷ୍ଠାନର ଗବେଷଣା ଓ ବିକାଶ ଉଦ୍ଭାବନ ମେଳା ଇନଭେନଟିଭର ଉଦଘାଟନ ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ଭାରତ 'ଉଦ୍ଭାବନ ଏବଂ ଉଦ୍ୟମିତା କ୍ଷେତ୍ରରେ ଭାରତ ବଡ ଲମ୍ଫ ଦେଇଛି । ବିଶ୍ୱ ବର୍ତ୍ତମାନ ମୂଳ, ଉଦ୍ଭିଷ୍ୟତବାଦୀ ଏବଂ ସ୍ଥାୟୀ ବିକାଶ ଉପରେ କେନ୍ଦ୍ରୀତ ଭାରତୀୟ ବିକାଶ ମଡେଲକୁ ସ୍ୱୀକୃତି ଦେଇଛି । ବଜାର ସମୂହ ଓ ଜଲ୍ୟାଣକାରୀ ଅର୍ଥନୀତିର ଗତିକୁ ଚିହ୍ନଟ କରିବାରେ ଆମର ଶକ୍ତି ରହିଛି । ଏଥିପାଇଁ ପଲିସି ମେକିଂ ମାନୁଫାକୁରିଂ ସେକ୍ଟରକୁ ସ୍ଥାନାନ୍ତରିତ ହୋଇଛି, ଯେଉଁଥିରେ ରଣନୀତି ଓ ଫୋକସ୍ କ୍ଷେତ୍ର ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଭାରତକୁ ଉତ୍ପାଦନର ପେଣ୍ଠସ୍ଥଳୀ ଭାବରେ ପରିଣତ କରିବା ଆମର ଲକ୍ଷ୍ୟ ରହିଛି । ଏହା ହେଲେ ଦେଶ ବର୍ତ୍ତମାନର ୧୭ ପ୍ରତିଶତ ତୁଳନାରେ ଜିଡିପିରେ ଅତି କମରେ ୨୫ ପ୍ରତିଶତ ଯୋଗଦାନ ରଖିବ । ମେକ୍ ଇନ୍ ଇଣ୍ଡିଆ, ଇନଭେଷ୍ଟ ଇନ୍ ଇଣ୍ଡିଆ, ଷ୍ଟିଏଆପ ଷ୍ଟିମ୍ ଏବଂ ଏଫଡିଆଇ ଉଦାରୀକରଣ ଭଳି ଗୁରୁତ୍ୱପୂର୍ଣ୍ଣ ନୀତିଗତ ପରିବର୍ତ୍ତନ ମାଧ୍ୟମରେ ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି । ଭବିଷ୍ୟତରେ ଭାରତ ତୃତୀୟ ବୃହତମ ଅର୍ଥନୀତିରେ ପରିଣତ ହେବା ଏବଂ ୫ ଟ୍ରିଲିୟନ ଡଲାର ଆମେରିକୀୟ ଅର୍ଥନୀତି ହେବାର ଲକ୍ଷ୍ୟ ହାସଲ କରିବାରେ ଏଭଳି ପଦକ୍ଷେପ ଏକ ଉତ୍ପ୍ରେରକ ଭାବରେ କାର୍ଯ୍ୟ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଜାତୀୟ ଶିକ୍ଷା ନୀତିରେ ମଧ୍ୟ ଇନୋଭେସନକୁ ପ୍ରାଥମିକତା ଦିଆଯାଇଛି । ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ପାଇଁ ଭାରତୀୟ ସମସ୍ତଙ୍କୁ ଉପଯୋଗ କରିବାକୁ ମନ୍ତ୍ରୀ ସୁଦ୍ଧ ଉଦ୍ଭାବକମାନଙ୍କୁ ଆହ୍ୱାନ ଦେଇଥିଲେ । ସେ କହିଥିଲେ ୨୦୪୭ ସୁଦ୍ଧା ଆମେ ବିକଶିତ ଭାରତ ହେବୁ, ନୂଆ ସୁଯୋଗ ଉଦ୍ଭାବକ ଓ ଉଦ୍ୟୋଗୀ ହେବେ ନୂଆ ଭାରତର ଅଗ୍ରଦୂତ । 'ଇୟ ବିଜ୍ଞାନ, ଇୟ ଅନୁସନ୍ଧାନ' ମନ୍ତ୍ରରେ ଦେଶର ଯୁବପିଢ଼ି ଭାରତକୁ ଗ୍ଲୋବାଲ ଇନୋଭେସନ ଜିରୋ ଭାବେ ପ୍ରତିଷ୍ଠା କରିବେ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ପ୍ରଦର୍ଶନୀକୁ ମଧ୍ୟ କେନ୍ଦ୍ରମନ୍ତ୍ରୀ ଉଦଘାଟନ କରିଥିଲେ ।

ପରବର୍ତ୍ତୀ ଶୁଣାଣି ଯାଏଁ ଶିକ୍ଷକ ନିଯୁକ୍ତିରେ ରୋକ୍ ଲଗାଇଲେ ହାଇକୋର୍ଟ



ଭୁବନେଶ୍ୱର, ୨୦/୧ (ବି/ଗୁ): ଶିକ୍ଷକ ନିଯୁକ୍ତି ମାମଲାରେ ଅନିୟମିତତା ନେଇ ତାବିରି ଆଶାୟୀଙ୍କ ଆନ୍ଦୋଳନ ଜାରି ରହିଛି । ଏଥିମଧ୍ୟରେ ୨୦ ହଜାର ଜନିଷ୍ଠ ଶିକ୍ଷକ ନିଯୁକ୍ତି ମାମଲାରେ ହାଇକୋର୍ଟ ଶୁଣାଇଛନ୍ତି ଅନ୍ତରୀଣ ଆଦେଶ । ଆସନ୍ତା ୨୪ ତାରିଖ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଚଡ଼ାନ୍ତ ଚୟନ ଓ ନିଯୁକ୍ତିରେ ଅନ୍ତରୀଣ ରୋକ୍ ଲଗାଇଛନ୍ତି ହାଇକୋର୍ଟ । ଏହା ପୂର୍ବରୁ ତୁଡ଼ାନ୍ତ ତାଲିକା ଜିୟା ଉକ୍ତ ପଦରେ ଜାହାରିକୁ ନିଯୁକ୍ତି ଦିଆଯିବ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜିଜ୍ଞ ୨୦ ଏବଂ ୨୧ରେ ପ୍ରାର୍ଥୀଙ୍କ ସାର୍ଟିଫିକେଟ୍ ଯାଚ୍ ହେବ । ଏଥି ସହିତ ମାମଲାରେ ପକ୍ଷ ରଖିବାକୁ ରାଜ୍ୟ ସରକାର ଓ ଓସେପାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଜେ. ଆର ମହାରଣା ଓ ଅନ୍ୟମାନଙ୍କ ତରଫରୁ ବାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ପ୍ରକାଶ ନିକଟରେ ୨୦ ହଜାର ଜନିଷ୍ଠ ଶିକ୍ଷକ ପଦବୀ ପାଇଁ ଜାନୁଆରୀ ୧୭ରେ ୩୦ ଟି ଜିଲ୍ଲାରେ ଓସେପା ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ତଥା ମୂଳ ନିଯୁକ୍ତି ବିଜ୍ଞପ୍ତିରେ ରହିଥିବା ସର୍ତ୍ତାବଳୀ ପାଳନ ନ କରି ମେଧା ତାଲିକା ପ୍ରସ୍ତୁତ କରାଯାଇଥିଲା । ଫଳରେ ବହୁ ଯୋଗ୍ୟ ପ୍ରାର୍ଥୀ ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଥିଲା ।

୨୯ରେ ଓଡ଼ିଶା ଆସିବେ କଂଗ୍ରେସ ସଭାପତି

ନୂଆଦିଲ୍ଲୀ, ୨୦/୧: ସାଧାରଣ ନିର୍ବାଚନକୁ ଆଉ ବିଛି ମାସ ବାକି ଥିବାବେଳେ ଜାନୁଆରୀ ୨୯ ତାରିଖରେ ଓଡ଼ିଶା ଆସିବେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ । ଏନେଇ ରାଜ୍ୟ କଂଗ୍ରେସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ନିର୍ବାଚନକୁ ଦୃଷ୍ଟିରେ ରଖି ଖଡଗେଙ୍କ ଏହି ଗସ୍ତ ବେଶ ଗୁରୁତ୍ୱପୂର୍ଣ୍ଣ। ଦଳର ସଭାପତି ହେବା ପରେ ଖଡଗେଙ୍କ ଏହା ପ୍ରଥମ ଓଡ଼ିଶା ଗସ୍ତ । ଆଗକୁ ବାଧାରଣ ନିର୍ବାଚନ ଥିବାରୁ ସଙ୍ଗଠନକୁ ମଜବୁତ କରିବାକୁ ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ର ଦେବେ ଖଡଗେ । ୨୯ରେ ଏକ ଜନସଭାରୁ ସମ୍ବୋଧିତ କରିବେ । କାର୍ଯ୍ୟକ୍ରମରେ ଓଡ଼ିଶାର ସବୁ ବିଜୁ ସଭାପତି, ବ୍ଲକ ସଭାପତିଙ୍କ ସହ ୫୦ହଜାର ଲୋକ ଉପସ୍ଥିତ ରହିବେ ।





କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
Email: utkalsamachar@gmail.com, Mob: 9437086122

ଟାଟା ଷ୍ଟିଲ୍‌ର ଖଣି ଗୁଡିକୁ ୪୧ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହରେ ପୁରସ୍କାର



କେନ୍ଦୁଝର,୨୦/୧(ନି/ପୁ): ଜାନୁଆରୀ ୧୯, ୨୦୨୪: ଖଣି ସୁରକ୍ଷା ମହାନିର୍ଦ୍ଦେଶକ (ଡିଜିଏମଏସ), ଭୁବନେଶ୍ୱର ଅଞ୍ଚଳ ଅଧୀନରେ ଶୁକ୍ରବାର ଅନୁଷ୍ଠିତ ୪୧ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ ପାଳନ-୨୦୨୩ ଅବସରରେ ଟାଟା ଷ୍ଟିଲ୍ ୩୭ଟି ପୁରସ୍କାର ହାସଲ କରିଛି । ଏ-ୟେ ସମୁଦାୟ ବର୍ତ୍ତର ପ୍ରଦର୍ଶନରେ ଯୋଡା ଉଚ୍ଚ ଆଇରନ ମାଇନ ବିଭାଗ ହୋଇଥିବା ବେଳେ, ଉଡଟାମାଟି ଆଇରନ ମାଇନ ଏ-୨ ବର୍ତ୍ତରେ ପ୍ରଥମ ସ୍ଥାନ ଅଧିକାର ଗ୍ରହଣ କରିଛି । ଏହାବ୍ୟତୀତ ଷ୍ଟିଲ ପ୍ରଦର୍ଶନୀ ବର୍ତ୍ତରେ ଟାଟା ଷ୍ଟିଲକୁ ବିଭାଗ ବିଭେଦିତ କରାଯାଇଥିଲା । ଯୋଡା ଉଚ୍ଚ ଆଇରନ ମାଇନର ଅଂଶୁ କୁମାରୀ ଶ୍ରେଷ୍ଠ ପୋଷ୍ଟର ବର୍ତ୍ତରେ ବିଭେଦା ହୋଇଥିଲେ । ଚଳିତ ମାସ ପ୍ରାରମ୍ଭରେ ଟେକସା ଓ ବକ୍ଷିଣ ଜାଳିଆପାଣି ଠାରେ ସେଭଳି ଏକ ପୁରସ୍କାର ବିତରଣ ସମାରୋହରେ ଖଣ୍ଡବନ୍ଧ ଆଇରନ ଓ ମାଙ୍ଗାନିଜ ମାଇନ, ଜାଟାମାଟି ଆଇରନ ମାଇନ, ଫେରୋ ଆଲଏଲ୍ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫଏଏମଡି) ଏବଂ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନଆଇଏନଏଲ) ଓ ସୁକିନ୍ଦା କ୍ରୋମାଇଟ୍ ଖଣି ବିଭିନ୍ନ ବର୍ତ୍ତରେ ପୁରସ୍କୃତ ହୋଇଥିଲେ । ଖଣିରେ ସୁରକ୍ଷିତ କାର୍ଯ୍ୟ ପଦ୍ଧତିରେ ଉନ୍ନତି ଆଣିବା, ଖଣିରେ ଦୁର୍ଘଟଣାକୁ ଯଥେଷ୍ଟ ହ୍ରାସ କରିବା ଏବଂ ଖଣି ମାଲିକ ଓ କର୍ମଚାରୀଙ୍କ ଶୂନ୍ୟ କ୍ଷତି ଦଂକ୍ଟି ପାଇଁ ପ୍ରତିବର୍ଷ ଦେଶର ସମସ୍ତ ଅଂଚଳରେ ଖଣି ନିରାପଦା ସପ୍ତାହ ପାଳନ କରାଯାଉଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଖଣି ସୁରକ୍ଷା ମହାନିର୍ଦ୍ଦେଶକ ପ୍ରଭାତ କୁମାର, ଆଂଚିର ଖଣି ନିରାପଦା ଅସମନିର୍ଦ୍ଦେଶକ ଏସ୍ ଡି ବିଦ୍ୟାରନ୍ତମ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ୍‌ର ଖଣି ବିଭାଗର ମୁଖ୍ୟ ପରିଚାଳନା ଅଧିକାରୀ ସୌଭିକ ମଜୁମଦାର, ଭୁବନେଶ୍ୱର ରିଜିଅନ୍-୧ଖଣି ନିରାପଦା ନିର୍ଦ୍ଦେଶକ କୃଷ୍ଣେନ୍ଦୁ ମଣ୍ଡଳ, ଅଂଚଳ-୧, ଖଣି ସୁରକ୍ଷା ନିର୍ଦ୍ଦେଶକ ପିଆର ଠାକୁର, ରିଜିଅନ୍-୨ର ବିଭିନ୍ନ ଖଣିର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।ଟାଟା ଷ୍ଟିଲ, ଜେଏସଡବ୍ଲ୍ୟୁ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର, ଓଡ଼ିଶା ଖଣି ନିଗମ, ବେଦାନ୍ତ ଭଳି ବିଭିନ୍ନ ଖଣି କମ୍ପାନି ଏବଂ ଲେଷ୍ଟର ପାର୍ଟନରମାନଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ଷ୍ଟଲଗୁଡ଼ିକୁ ପରିଦର୍ଶନ କରିଥିଲେ ଯେଉଁଥିରେ ସର୍ବୋତମ ନିରାପଦା ଅଭ୍ୟାସ ଏବଂ ନିରାପଦା ଉପକରଣ ପ୍ରଦର୍ଶିତ ହୋଇଥିଲା । ନୃତ୍ୟ ବଜ ପକ୍ଷରୁ ପରିବେଷଣ କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକର୍ଷିତ କରିଥିଲା ।ଏହି ଅବସରରେ ଟାଟା ଷ୍ଟିଲ୍ ଯୋଡା ଉଚ୍ଚ ଆଇରନ ମାଇନ୍‌ର ମୁଖ୍ୟ ରାଜେଶ କୁମାର, ଟାଟା ଷ୍ଟିଲର ଖଣ୍ଡବନ୍ଧ ଅରନ ମାଇନର ମୁଖ୍ୟ ଜିଜି ସତ୍ୟନାରାୟଣ; ଶିରିଷ ଶେଖର, ମୁଖ୍ୟ, ନୂଆଦୁଆଁ ଆଇରନ ମାଇନ, ଟାଟା ଷ୍ଟିଲ; ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍‌ର ମୁଖ୍ୟ ରାହୁଲ ବିଶୋର; ଡିଜିଏମଏସର ନିର୍ଦ୍ଦେଶକ ଓ ଉପନିର୍ଦ୍ଦେଶକ, ସୁରକ୍ଷା ବୋର୍ଡ ସଦସ୍ୟ, ସଂଘ ପ୍ରତିନିଧି, ଜେନେରାଲ ମ୍ୟାନେଜର, ଏଜେଂଟ୍, ଏବଂ ମ୍ୟାନେଜର, ଅଧିକାରୀ, ଶ୍ରମିକ ନିରୀକ୍ଷକ ଏବଂ ବିଭିନ୍ନ ଖଣି କମ୍ପାନୀର କର୍ମଚାରୀମାନେ ଉପସ୍ଥିତ ଥିଲେ ।

୬ ଲକ୍ଷ ଟଙ୍କା ମୂଲ୍ୟର ଡ୍ରାଉନସୁଗାର ଜବତ – ଜଣେ ଗିରଫ

ଅନୁଗୁଳ,୨୦/୧(ନି/ପୁ) : ନିକଟରୁ ୬୦ ଗ୍ରାମ ଡ୍ରାଉନସୁଗାର ଅନୁଗୁଳ ଜିଲ୍ଲା ଅବକାରୀ ବିଭାଗକୁ ମିଳିଥିଲା । ଜବତ କରା ଯାଇଥିବା ମିଳିଛି ସଫଳତା । ୬୦ଗ୍ରାମ ଡ୍ରାଉନ ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୬ ସୁଗାର ଜବତ ସହ ଜଣକୁ ଗିରଫ ଲକ୍ଷ ହେବ ବୋଲି ଅବକାରୀ କରିଛି ବିଭାଗ । ସୂଚନା ଅନୁଯାୟୀ ଅଧିକ୍ଷକ ମଧୁସ୍ମିତା ନାୟକ ସୂଚନା ଡ୍ରାଉନସୁଗାର ବେପାର କରିବାକୁ ଦେଇଛନ୍ତି । ସନ୍ତୋଷ ଗରାଖ ଅପେକ୍ଷାରେ ଥିବା ବେଳେ ଡ୍ରାଉନସୁଗାର ଜାରବାରରେ ଜଇୟରୀ ଥାନା ସାଉଥବଲଣ୍ଡା ସମ୍ପୃକ୍ତ ଥିବା ଅବକାରୀ ବିଭାଗ ଅଂଚଳର ସନ୍ତୋଷ କୁମାର ନାଏକ ପାଖରେ ଖବର ଥିବାବେଳେ ନାମକ ଜଣେ ଯୁବକକୁ ଗିରଫ କରିଛି । ସନ୍ତୋଷ ଡ୍ରାଉନସୁଗାର ଧରି ଆଜି ବିଶ୍ୱସ୍ତ ସୂତ୍ରରୁ ଜାଣି ବେପାର ନିମନ୍ତେ ଅନୁଗୁଳ ଅଭିମୁଖେ ତାକୁ ଧରିବାରେ ସକ୍ଷମ ଆସୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ହୋଇଥିଲା ବିଭାଗ । ସେ ଏହି ଖବର ପାଇ ଅବକାରୀ ବିଭାଗର ବେପାରରେ ବ୍ୟବହାର ଖବରକୁ ଏକ ସ୍ୱତନ୍ତ୍ର ଟିମ ତାକୁ ଲୁଚୁଚାଗଙ୍କ ନିକଟରେ ଅଟକ କରା ଯାଇଛି । ମୋଟରସାଇକେଲକୁ ମଧ୍ୟ ଜବତ କରା ଯାଇଛି ।

ଉତ୍କଳ ସମାଚାର
THE UTKAL SAMACHAR
(A Odiya Daily News paper)
PUBLISHED FROM ROURKELA, SAMBALPUR, & BHUBANESWAR
FOR NEWS AND ADVERTISEMENT CONTACT AT:
CITY OFFICE: B/204, SECTOR-16,
ROURKELA, PH:0661-2646999
PRAKASH KUMAR DHAL (EDITOR)
MOB: 9439951525
Email: utkalsamachar@gmail.com

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

ଅନୁଗୁଳ,୨୦/୧(ନି/ପୁ): ଅନୁଗୁଳ ପୌରପାଳିକା ର ତାମ୍ରିତ ଇଲୋନୀ ପାର୍ଶ୍ୱ ସୌଭାଗ୍ୟନଗରର ୧୨ନଂ ଓ ୧୫ନଂ ୱାର୍ଡର ଦୁଇ ଶହ ପରିବାରର ପ୍ରାୟ ୧୦୦୦ ଲୋକ ବସବାସ କରୁଥିବା ବେଳେ ସେମାନଙ୍କୁ ଯୋଡିଏ ବି ପଟା ପ୍ରଦାନ କରାଯାଇନାହିଁ । ବି.ଇ.ଡି ଇଲେକ୍ଟ ପଛ ପାର୍ଶ୍ୱ ୧୪ନଂ. ୱାର୍ଡରେ ପାଇପ୍ ଲାଇନ୍ ବିଛା ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପାଇପ୍ ମାଧ୍ୟମରେ ପିଇବା ପାଣିର ବ୍ୟବସ୍ଥା କରାଯାଇନାହିଁ ଏବଂ ୩୫ଟି ପରିବାରକୁ ମଧ୍ୟ ଏପର୍ଯ୍ୟନ୍ତ ପଟା ଦିଆଯାଇନାହିଁ । ଶିଳ୍ପାଂଚଳ ସ୍କୁଲ ପାର୍ଶ୍ୱରେ ଥିବା ୧୩ନଂ. ୱାର୍ଡର ୩୭ଟି ପରିବାର ରାସ୍ତା ପାର୍ଶ୍ୱରେ ରହିଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଏପର୍ଯ୍ୟନ୍ତ ତାକୁ ଅଧ୍ୟାନ କରିପାରିନାହାନ୍ତି । ମଂ. ୱାର୍ଡରେ ୫୦ଟି ପରିବାରର ୩୦୦ ଲୋକ ବସବାସ କରୁଥିବାବେଳେ ସେମାନଙ୍କୁ ମଧ୍ୟ ଏପର୍ଯ୍ୟନ୍ତ ହୌଶିସି ଲୋକଙ୍କୁ ପଟା ଦିଆଯାଇନାହିଁ । ସେହିପରି ୧୭ନଂ. ୱାର୍ଡରେ ଡ୍ରେନ୍ ଓ ଅଙ୍ଗନାୱାଡ଼ୀ ନିର୍ମାଣ କରାଯାଇନାହିଁ କି ୧୭ନଂ. ୱାର୍ଡର ବହୁ ପରିବାରରୁ ପଟା ଟଙ୍କା ଜମା କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମସ୍ତଙ୍କୁ ପଟା ଦିଆଯାଇନାହିଁ । ଯାହାଫଳରେ ପିଲାମାନେ ରେସିଡେନ୍ସ ସାର୍ଟିଫିକେଟ୍ କରିପାରିନଥିବାରୁ ଉଚ୍ଚତରୀୟ ପାଠ ପଢ଼ିବା, ଚାକିରୀ କରିବା ଏବଂ ବିଭିନ୍ନ ସୁବିଧା ସୁଯୋଗରୁ ବଂଚିତ ହେଉଛନ୍ତି । ଏ ସମସ୍ତ ସମସ୍ୟା ନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସେମାନେ ଗେଣଧାରଣା ଦେଇଛନ୍ତି ।

ପାତ୍ର ଜୋଡା ଏଜେନ୍ସିରେ ଜିଏସଟି ଟିମର ଚଢ଼ାଉ

ଢେଙ୍କାନାଳ,୨୦/୧(ନି/ପୁ): ଢେଙ୍କାନାଳ ସହରର ବାଇପୋଲସ୍ଥିତ ପାତ୍ର ଜୋଡା ହୋଲସେଲ୍ ଦୋକାନ ଏବଂ ଯଦନଗର ସ୍ଥିତ ଜୋଡା ଗୋଦାମରେ ଆଜି ଜିଏସଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି । ଷ୍ଟେଟ ଜିଏସଟି ଏନଫୋର୍ସମେଂଟ ଟିମ ଅନୁଗୁଳର ଡେପୁଟି କମିଶନର ଶିବାଶିଷ ସୂର୍ଯ୍ୟବଂଶୀ ସାହୁଙ୍କ ନେତୃତ୍ୱରେ ୧୦ ଜଣିଆ ଟିମ ଉଭୟ ସ୍ଥାନରେ ପହଂଚି ସାଂଚ କରୁଛନ୍ତି। ଏହା ଏକ ନିୟମିତ ସାଂଚ ବୋଲି କୁହାଯାଉଛି । ଏନେଇ ଅନୁଗୁଳର ଡେପୁଟି କମିଶନର ଜଣେଇଛି, ବ୍ୟବସାୟ ପରିଚାଳନା ନେଇ



ଜେତେବେ ଅଭିଯୋଗ ଏବଂ ବିଜେସ ଇଣ୍ଟେଲିଜେନ୍ସରୁ ଖବର ପାଇଥିଲୁ । ଏଥିପାଇଁ ଅନୁମତି ଅଧାୟୀ ବ୍ୟବସାୟ ପରିଚାଳନା କରିଛି ହେଉଛି ତାହାର ସାଂଚ କରାଯାଉଛି । ଯେଉଁସବୁ ଅଭିଯୋଗ ଅଛି ତା'ର ତଦନ୍ତ କରାଯିବା ସହ ଷ୍ଟକଗୁଡ଼ିକର ସାଂଚ କରାଯିବା ପରେ ସବ୍ୟତା ଜଣାପଡ଼ିବ ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି । ଖବର ଲେଖାହେବା ପର୍ଯ୍ୟନ୍ତ ତଦନ୍ତ ଜାରି ରହିଛି ।

ଅଜବ ନୀତି ; କାମ ହେବାର ୧୦ ମାସ ପୂର୍ବରୁ ବିଲ୍ ପେଠ

ପାତଣା,୨୦/୧(ନି/ପୁ): ସରକାରୀ ବ୍ୟବସ୍ଥା ଅନୁସାରେ କୌଣସି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଙ୍ଗପୁଲ୍ ଠିକାଙ୍ଗସ୍ଥାକୁ ବିଲ୍ ପ୍ରଦାନ କରିଥାନ୍ତି । ଏହାପରେ ସମ୍ପୃକ୍ତ ବିଭାଗ ପକ୍ଷରୁ ଠିକାଙ୍ଗସ୍ଥାକୁ ଅନୁଦାନ ପ୍ରଦାନ କରାଯାଇଥାଏ । କିନ୍ତୁ ପ୍ଲାନରେ ପର୍ଯ୍ୟାୟକ୍ରମେ ଠିକାଙ୍ଗସ୍ଥାକୁ ଅନୁଦାନ ରାଶି ପ୍ରଦାନ କରାଯାଇଥାଏ । ହେଲେ କେନ୍ଦୁଝର ଜିଲ୍ଲା ପାତଣା ବ୍ଲକ୍‌ରେ ଓଲଟା



ଚିତ୍ର ଦେଖିବାକୁ ମିଳିଛି । ୧୦ ମାସ ତଳୁ ରାସ୍ତା ନିର୍ମାଣ ପାଇଁ ଠିକାଙ୍ଗସ୍ଥାକୁ ଅନ୍ତ୍ରିମ ଅନୁଦାନ ଦିଆଯାଇଥିଲେ ମଧ୍ୟ ରାସ୍ତା କାମ ଆରମ୍ଭ ହୋଇନଥିଲା । ଏନେଇ ଅଭିଯୋଗ ହେବା ପରେ ଏବେ ସପ୍ତାହ ହେଲା ଅତ୍ୟନ୍ତ ତରବରିଆ ଭାବେ ରାସ୍ତା କାମ କରାଯାଉଛି । ରାତିରେ ରାସ୍ତା କାମ ହେଉଥିବାରୁ କାମର ଗୁଣ୍ଡତାକୁ ନେଇ ପ୍ରଶ୍ନ ଉଠିଛି । ଅତ୍ୟନ୍ତ ନିମ୍ନମାନର କାମ ହେଉଥିବାରୁ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଉଛି । ଏହାର ପ୍ରତିବାଦରେ ଆଜି ଗ୍ରାମବାସୀ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ କରିଥିବା ଜଣାପଡ଼ିଛି । ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଜନିଷ୍ଠ ଯନ୍ତ୍ରୀ ଦେବାନନ୍ଦ ମହାନ୍ତଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା କାମରେ ଠିକାଙ୍ଗସ୍ଥାକୁ ଆସୁଆ ବିଲ୍ ପଇଠ କରାଯିବାର ନିୟମ ରହିଛି । ଏହା ସମସ୍ତରେ ୩ଟି ରାସ୍ତା କାମ ପାଇଁ ଟଙ୍କାର ହୋଇଥିଲା । ସମ୍ପୃକ୍ତ ଠିକାଦାରଙ୍କୁ ପିଚୁ ଢିଲାପାଇଁ ଆସୁଆ ୩୦ଟୁ ୩୫ ଲକ୍ଷ ଦିଆଯାଇଛି ବୋଲି ଶ୍ରୀ ମହାନ୍ତ ପ୍ରକାଶ କରିଛନ୍ତି ।

ପାଇଖାନା ଭିତରେ ଜୀବନ ହାରିଲେ ଚାଷୀ

ଜାମାକ୍ଷାନଗର,୨୦/୧(ନି/ପୁ): ଢେଙ୍କାନାଳ ଜିଲ୍ଲା ଜାମାକ୍ଷାନଗର ଥାନା ଅନ୍ତର୍ଗତ ଖୁଦୁସିଆ ଗ୍ରାମର ଜଣେ ଚାଷୀ ଆଜି ତାଙ୍କ ପାଇଖାନା ଭିତରେ ଝୁଲି ଆତ୍ମହତ୍ୟା କରିଛନ୍ତି । ଚାଷୀ ପାଇଁ ଆଣିଥିବା ଋଣ ଟଙ୍କା ଶୁଝି ପରାରିବାରୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକ କହିଛନ୍ତି । ମୃତ ଚାଷୀ ହେଉଛନ୍ତି ଗାଁର ଲେଖେର ମଜିକ (୫୫) । ମୃତ ଲେଖେରଙ୍କ ପୁଅ ସତ୍ୟାନନ୍ଦ ମଜିକଙ୍କ କହିବା ଅନୁଯାୟୀ, ତାଙ୍କ ବାପା ଚାଷ ପାଇଁ ସ୍ଥାନୀୟ ସଂସ୍ଥାରୁ ଋଣ ଆଣିଥିଲେ । ମାତ୍ର ଚଳିତ ବର୍ଷ ଭଲ ସମଳ ନହେବାରୁ ରୋଜଗାର ନାମମା ରୁହୁ କରି ପୁଲିସ ଅଧିକ ହୋଇଥିଲା । ପରିବାର ତଦାଇବା ଓ ତଦନ୍ତ ଜାରି ରଖିଛି ।

ଋଣ ଟଙ୍କା ଶୁଝିବା ନେଇ ବାପା ସବୁବେଳେ ଚିନ୍ତିତ ଥିଲେ। ବିଭିନ୍ନ ସମୟରେ ଅର୍ଥଲଗାଣ ସଂସ୍ଥାଗୁଡ଼ିକର କର୍ମଚାରୀମାନେ ଘରକୁ ଆସି ଋଣ ଟଙ୍କା ମାଗୁଥିଲେ । ଯାହାକୁ ନେଇ ଗତ କିଛି ମାସ ଧରି ସେ ମାନସିକ ଚାପରେ ରହି ଆସୁଥିଲେ । ଆଜି ଅପରାହ୍ନରେ ସେ ପାଇଖାନା ଭିତରେ ଏକ ଗଛରେ ଝୁଲି ପଡ଼ି ଆତ୍ମହତ୍ୟା କରିଥିଲେ । ଖବର ପାଇ ଜାମାକ୍ଷାନଗର ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରିଛି । ଏ ସଂପର୍କରେ ଜାମାକ୍ଷାନଗର ଥାନାରେ ଏକ ମାମଲା ରୁହୁ କରି ପୁଲିସ ଅଧିକ ତଦନ୍ତ ଜାରି ରଖିଛି ।

ବ୍ୟକ୍ତିଗତ ମାଲିକାନାରେ ବିଦ୍ୟାଳୟ ଜମି ; ଖର୍ଚ୍ଚ ହୋଇପାରୁନି ଅନୁଦାନ


ରାଇସୁଆ,୨୦/୧(ନି/ପୁ): କେନ୍ଦୁଝର ଜିଲ୍ଲା ଚେଲହୋଇ ବ୍ଲକ୍ ଶିରିଗିଡ଼ା ପଂଚାୟତ ଶିରିଗିଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ୧୯୪୯ରେ ସ୍ଥାପିତ ହୋଇଥିଲା । ବିଦ୍ୟାଳୟ ନାମରେ ଜମିପଟା ନଥିବାରୁ କୌଣସି ଉନ୍ନୟନ କାମ ହୋଇପାରୁ ନଥିବା ଜଣାପଡ଼ିଛି । ୭୫ ବର୍ଷ ତଳେ ଗ୍ରାମବାସୀଙ୍କ ଉଦ୍ୟମରେ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ସେତେବେଳେ ଉକ୍ତ ଜମିଟି କାହାର ସେ ସମ୍ପର୍କରେ କିଛି ଜଣାପଡ଼ି ନଥିଲା । ବର୍ତ୍ତମାନ ବିଦ୍ୟାଳୟର ଜମିଟି ଗ୍ରାମର ଭାଗବତ ବିଶ୍ୱାଳ ଏବଂ ତାଙ୍କ ପରିବାର ଲୋକଙ୍କ ନାମରେ ଥିବା ଜଣାପଡ଼ିଛି । ବିଦ୍ୟାଳୟ ଶ୍ରେଣୀଗୃହ ମରାମତି, ନୂତନ ଗୃହ ନିର୍ମାଣ ସରକାରୀ ଅନୁଦାନ ଆସିଥିଲେ ମଧ୍ୟ ଜମି ମାଲିକଙ୍କ ବିରୋଧ ଯୋଗୁଁ କାମ ହୋଇପାରୁ ନଥିବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀକେଦେବ ବିଶ୍ୱାଳ କହିଛନ୍ତି । ବିଦ୍ୟାଳୟରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଛଅଟଯର



ଛାତ୍ରାବାସ ରହିଛି । ଏଠାରେ ୪୦ଜଣ ଛାତ୍ରଛାତ୍ରୀ ରହୁଛନ୍ତି । ରକ୍ଷଣାବେକ୍ଷଣ ଅଭାବରୁ ଛାତ୍ରାବାସ ଅବସ୍ଥା ଶୋଚନୀୟ ବର୍ତ୍ତା ହେଲେ ପାଣି ଗଳିଥିବାରୁ ଅନ୍ତେବାସୀମାନେ ବସନୀୟ ଅବସ୍ଥାରେ ରହୁଛନ୍ତି । ଚଳିତବର୍ଷ ଛାତ୍ରାବାସ ମରାମତି ଜରାନଗଲେ ଆସନ୍ତାବର୍ଷ ଏଠାରେ ଛାତ୍ରଛାତ୍ରୀଙ୍କୁ ରଖିବା ପାଇଁ ନାମ ପଞ୍ଜୀକରଣ କରାଯିବ ନାହିଁ ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିନ ଚରଣ ନାୟକ କହିଛନ୍ତି । ବିଦ୍ୟାଳୟରେ ୧୨ଟଜଣ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ୪ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଅଛନ୍ତି । ବିଦ୍ୟାଳୟର ଜିରିଭୂମି ବିକାଶ ହୋଇପାରୁନଥିବାରୁ ଛାତ୍ରଛାତ୍ରୀ ଅସୁବିଧାର ସଂକ୍ଷୁଖୀନ ହେଉଥିବା ସ୍କୁଲ ପରିଚାଳନା କମିଟି ସଭାପତି ଶ୍ରୀକେଦେବ ବିଶ୍ୱାନ କହିଛନ୍ତି । ବ୍ଲକ୍ ପ୍ରଶାସନ ଓ ଶିକ୍ଷା ବିଭାଗକୁ ନେଇ ଅବଗତ କରାଯାଇଥିବେ ମଧ୍ୟ କେଣସି ପଦାକ୍ଷେପ ନିଆଯାଇନି । ପ୍ରଶାସନ ବିଦ୍ୟାଳୟର ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ତାହାର ସମାଧାନ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

ରାଜନଗରରେ ଲଜ୍ଜା : ୨ ଛାତ୍ରୀଙ୍କୁ ପ୍ରଧାନଶିକ୍ଷକଙ୍କ ଦୁଷ୍କର୍ମ

ରାଜନଗର,୨୦/୧(ନି/ପୁ): ସ୍କୁଲ ଭିତରେ ଦୁଇ ଜଣ ଛାତ୍ରୀଙ୍କୁ ଦୁଷ୍କର୍ମ କରିଛି ସେହି ସ୍କୁଲର ମାଲିକ ତଥା ପ୍ରଧାନ ଶିକ୍ଷକ । ଜେତ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକରେ ଘଟିଥିବା ଏହି ଲଜ୍ଜାଜନକ ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ପୁଲିସ ଅଭିଯୁକ୍ତକୁ ସ୍କୁଲ ପରିସରରୁ



ଝଠାର ଆଣି ପଚରାଉଚରା କରୁଛି । ସୂଚନା ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଅନ୍ତର୍ଗତ ଘଡ଼ିଆମାଳଠାରେ ରହିଛି ମଧୁସୂଦନ ବିଦ୍ୟାମନ୍ଦିର । ଏଠାରେ ୮ମ ଶ୍ରେଣୀ ଯାଏଁ ରହିଛି । ଗାଁର ପ୍ରତୀପ କୁମାର ପ୍ରଧାନ ନିଜ ଜାଗାରେ ଘରୋଇ ବିଦ୍ୟାଳୟ ଖୋଲି ନିଜେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରେ । ସହାକ ସାହେ ୬ ଶୁ ସାବେ ୧୧ଟା ଯାଏ ପାଠପଢ଼ା ହୋଇଥାଏ । କିଛି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପରିସରରେ ଅପରାହ୍ନ ୨ଟା ରୁ ୪ଟା ଯାଏ ପ୍ରଧାନଶିକ୍ଷକ ଟ୍ୟୁସନ କରିଥାନ୍ତି । ଦୂରରୁ ଆସିଥିବା ଛାତ୍ରୀମାନେ ବିଦ୍ୟାଳୟ ଛୁଟି ପରେ ଘରକୁ ନଯେଟି ବିଦ୍ୟାଳୟରେ ଟ୍ୟୁସନ ପାଇଁ ରହିଥାନ୍ତି । ବିଦ୍ୟାଳୟ ଛୁଟି ଓ ଟ୍ୟୁସନ ଆରମ୍ଭ ମଧ୍ୟରେ ଥିବା ସମୟ ଭିତରେ ଦୁର୍ବୃତ୍ତ ୬ଷ୍ଠ ଓ ୭ମ ଶ୍ରେଣୀର ଛାତ୍ରୀଙ୍କ ସହିତ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଦୁଷ୍କର୍ମର ଶିକାର ହୋଇଥିବା ଦୁଇ ନାବାଳିକା ଛାତ୍ରୀଙ୍କ ବାପା ରାଜନଗର ଥାନାରେ ଲିଖିତ ଅଭିଯୋଗ ମୁତାବକ ୧୬ ତାରିଖ ଷଷ୍ଠ ଶ୍ରେଣୀର ଜଣେ ଛାତ୍ରୀ ଓ ସପ୍ତମ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଅନ୍ୟ ଶ୍ରେଣୀଗୃହରେ ନେଇ ବସାଇଥିଲେ । ସେତୋରେ ପ୍ରଦୀପ ପ୍ରଧାନ ପହଂଚି ଦୁଇ ନାବାଳିକା ଛାତ୍ରୀଙ୍କ ସହ ଦୁଷ୍କର୍ମ କରିଥିଲେ । ଦୁଇଛାତ୍ରୀ ବିରୋଧ କରିବାରୁ ଦୁର୍ବୃତ୍ତ ସେମାନଙ୍କୁ ଧମକ ଦେଇଥିଲେ । ୧୬ ତାରିଖ ଘଟିଥିବା ଏହି ଘଟଣାକୁ ବିଦ୍ୟାଳୟର ଅନ୍ୟ ଦୁଇ ଜଣ ଛାତ୍ରୀ ଦେଖିଛନ୍ତି ବୋଲି ମଧ୍ୟ ଅଭିଯୋଗରେ ବର୍ତ୍ତାଯାଇଛି । ସଂଧ୍ୟରେ ପରକୁ ଫେରିବା ପରେ ଦୁଷ୍କର୍ମର ଶିକାର ୨ ଛାତ୍ରୀ ଜାଣିଥିଲେ । ପରିବାର ଲୋକେ ଏକଥା ଜାଣିବା ପରେ ୧୭ ତାରିଖ ଗାଁର ଅନ୍ୟ ଅଭିଭାବକଙ୍କ ସହିତ ଅଭିଯୋଗ କରିବାକୁ ଥାନାକୁ ଆସିଥିଲେ । ଥାନାରେ ପହଂଚିବା ପୂର୍ବରୁ ସେହି ସଂଚାୟତର ଜିଛି ତଥାକଥିତ ମାମଲତଦାର ସବୁ ଅଭିଭାବକ ମିଶି ଏତଲା ଦେବା ଲହି ସେମାନଙ୍କୁ ଫେରାଇ ଆଣିଥିଲେ । ସତଦାଲି ସଂଥାରେ ସଂଚାୟତର ସରପଂଚଙ୍କ ପ୍ରତିନିଧିଙ୍କ ନେତୃତ୍ୱରେ ଜିଛି

ବିବିଧା

ରାଶି ଫଳ

ମେଷ : ଆଜି ଆପଣ ନିଜ ଉପରେ ଗର୍ବ କରିପାରନ୍ତି । ଆତ୍ମବିଶ୍ୱାସ ସହଜରେ ଦେଖିବ । ଆପଣଙ୍କ ଆତ୍ମବଳ ଆଜି ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ । ଆପଣ ଏକ ଉତ୍ତମ ଦିନ ଅତିବାହିତ କରିବେ ।

ବୃଷ : ଆପଣ ଆଜି ଅଧିକ ଚାପଗ୍ରସ୍ତ ରହିବେ । ଆଜି ଆପଣଙ୍କୁ ଅନେକ ଦାୟିତ୍ୱ ତୁଲାଇବାକୁ ପଡିପାରେ । ଆପଣଙ୍କ ଉପରେ ଅଧିକ ଚାପ ପଡିବ । ଆପଣଙ୍କ ଦିନଟି ଭଲ ଯିବ ।

ମିଥୁନ : ଆପଣଙ୍କ ଆଜିର ଦିନଟି ଭଲ ଯିବ । ଆପଣଙ୍କ ଆତ୍ମବିଶ୍ୱାସ ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ । ଆପଣଙ୍କ ଆତ୍ମବିଶ୍ୱାସ ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ ।

କର୍କଟ : ଆପଣଙ୍କ ଆଜିର ଦିନଟି ଭଲ ଯିବ । ଆପଣଙ୍କ ଆତ୍ମବିଶ୍ୱାସ ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ । ଆପଣଙ୍କ ଆତ୍ମବିଶ୍ୱାସ ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ ।

ସିଂହ : ଆପଣଙ୍କ ଆଜିର ଦିନଟି ଭଲ ଯିବ । ଆପଣଙ୍କ ଆତ୍ମବିଶ୍ୱାସ ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ । ଆପଣଙ୍କ ଆତ୍ମବିଶ୍ୱାସ ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ ।

କନ୍ୟା : ଆପଣଙ୍କ ଆଜିର ଦିନଟି ଭଲ ଯିବ । ଆପଣଙ୍କ ଆତ୍ମବିଶ୍ୱାସ ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ । ଆପଣଙ୍କ ଆତ୍ମବିଶ୍ୱାସ ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ ।

ତୁଳା : ଆପଣଙ୍କ ଆଜିର ଦିନଟି ଭଲ ଯିବ । ଆପଣଙ୍କ ଆତ୍ମବିଶ୍ୱାସ ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ । ଆପଣଙ୍କ ଆତ୍ମବିଶ୍ୱାସ ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ ।

ବିଛା : ଆପଣଙ୍କ ଆଜିର ଦିନଟି ଭଲ ଯିବ । ଆପଣଙ୍କ ଆତ୍ମବିଶ୍ୱାସ ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ । ଆପଣଙ୍କ ଆତ୍ମବିଶ୍ୱାସ ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ ।

ଧନୁ : ଆପଣଙ୍କ ଆଜିର ଦିନଟି ଭଲ ଯିବ । ଆପଣଙ୍କ ଆତ୍ମବିଶ୍ୱାସ ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ । ଆପଣଙ୍କ ଆତ୍ମବିଶ୍ୱାସ ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ ।


ମକର : ଆପଣଙ୍କ ଆଜିର ଦିନଟି ଭଲ ଯିବ । ଆପଣଙ୍କ ଆତ୍ମବିଶ୍ୱାସ ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ । ଆପଣଙ୍କ ଆତ୍ମବିଶ୍ୱାସ ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ ।

କୁମ୍ଭ : ଆପଣଙ୍କ ଆଜିର ଦିନଟି ଭଲ ଯିବ । ଆପଣଙ୍କ ଆତ୍ମବିଶ୍ୱାସ ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ । ଆପଣଙ୍କ ଆତ୍ମବିଶ୍ୱାସ ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ ।

ମୀନ : ଆପଣଙ୍କ ଆଜିର ଦିନଟି ଭଲ ଯିବ । ଆପଣଙ୍କ ଆତ୍ମବିଶ୍ୱାସ ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ । ଆପଣଙ୍କ ଆତ୍ମବିଶ୍ୱାସ ଆପଣଙ୍କୁ ଏକ ଉଚ୍ଚ ସ୍ଥାନରେ ପହଞ୍ଚାଇବ ।

ଆଜିର ଚିନ୍ତାଧାରା

- ସଂ ୨୨-ପରିଚାଳନାର ବିଭି ବ୍ୟବସ୍ଥାର ପ୍ରଭାବ।
- ୪୦୦୦-ବିଜ୍ଞାନଗତ ଉଚ୍ଚତାରେ ଆକାଶ ଅଭିଯାନ ।
- ୧୦୦୫- ବିଶ୍ୱ ପ୍ରସିଦ୍ଧ ଅଭିନେତା ଜାକୁରାଇ ଖାନ ଜନ୍ମ ଗ୍ରହଣ।
- ୨୦୦୨- ଭାରତର ଜାତୀୟ ଅଧ୍ୟାପିକା ପରୀକ୍ଷା ଆରମ୍ଭ।



ସୂର୍ଯ୍ୟ ପୂଜାର ପର୍ବ ଶାମ୍ବ ଦଶମୀ

ପୌଷ ଶୁକ୍ଳ ପକ୍ଷ ଦଶମୀ ତିଥିରେ ଶାମ୍ବ ଦଶମୀ ପାଳନ କରାଯାଏ । ଏହା ସୂର୍ଯ୍ୟ ଦେବଙ୍କ ପୁତ୍ର ଶାମ୍ବଙ୍କ ଜନ୍ମ ଦିବସ ଭାବେ ପାଳନ କରାଯାଏ । ଏହି ଦିନ ସୂର୍ଯ୍ୟ ଦେବଙ୍କ ପୂଜା କରାଯାଏ । ଏହି ଦିନ ସୂର୍ଯ୍ୟ ଦେବଙ୍କ ପୂଜା କରାଯାଏ । ଏହି ଦିନ ସୂର୍ଯ୍ୟ ଦେବଙ୍କ ପୂଜା କରାଯାଏ ।

କୈକେୟୀଙ୍କ ଭୂମିକାରେ ଲାରା



ନୀତୁ ଚନ୍ଦ୍ରା ନିଜକୁ ଭିନ୍ନଧର୍ମୀ ଭୂମିକାରେ ଦେଖିବାକୁ ଚାହୁଁଛନ୍ତି । ଏଥିପାଇଁ ସେ ଅନେକ ଦିନ ଧରି ଅପେକ୍ଷା କରିଥିଲେ । ଏବେ ତାଙ୍କ ଇଚ୍ଛା ପୂରଣ ହୋଇଛି । ସେ ଏଥିରେ ଖୁସି ପ୍ରକାଶ କରିଛନ୍ତି । ଏହି ଫିଲ୍ମରେ ତାଙ୍କ ଅଭିନୟ ଦେଖିବାକୁ ଦର୍ଶକମାନେ ଆଗ୍ରହୀ ରହିଛନ୍ତି ।

ଏଇଟି ଆମର ରୋଷେଇ ଘର

ଏହି ଅଞ୍ଚଳର ଅନେକ ଲୋକ ଏହି ରୋଷେଇ ଘରକୁ ଦେଖିବାକୁ ଆସିଥିଲେ । ଏହି ରୋଷେଇ ଘରରେ ଅନେକ ପ୍ରକାର ରନ୍ଧନ ପ୍ରଣାଳୀ ଶିଖାଯାଏ । ଏହି ରୋଷେଇ ଘରରେ ଅନେକ ପ୍ରକାର ରନ୍ଧନ ପ୍ରଣାଳୀ ଶିଖାଯାଏ ।

ବ୍ରହ୍ମଜ୍ଞାନି

ଏହି ରୋଷେଇ ଘରରେ ଅନେକ ପ୍ରକାର ରନ୍ଧନ ପ୍ରଣାଳୀ ଶିଖାଯାଏ । ଏହି ରୋଷେଇ ଘରରେ ଅନେକ ପ୍ରକାର ରନ୍ଧନ ପ୍ରଣାଳୀ ଶିଖାଯାଏ ।

ଉତ୍କଳ ସମାଚାର

ସମ୍ପାଦକୀୟ...

ରବିବାର ୨୧ ଜାନୁଆରୀ ୨୦୨୫

ଯୁଦ୍ଧ (୨)

ଚାଣକ୍ୟ ଯୁଦ୍ଧ ବିଷୟରେ ଯେତିକି ଲେଖିଛନ୍ତି, ସେ ସମସ୍ତ କଥା କେବଳ ତାଙ୍କର ଜ୍ଞାନ ପ୍ରସୂତ ନୁହେଁ। ପୂର୍ବରୁ ଏ ବିଷୟରେ ଯେଉଁମାନେ ରଣନୀତି ଲେଖିଛନ୍ତି, ସେ ସମସ୍ତଙ୍କୁ ପଢ଼ି ଜାହାକୁ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରିଛନ୍ତି କିମ୍ବା ଜାହାର ସଂଶୋଧନ କିମ୍ବା ପରିବର୍ତ୍ତନ କରିଛନ୍ତି। ଅର୍ଥଶାସ୍ତ୍ରର ପ୍ରଥମ ଶ୍ଲୋକ ହେଲା, 'ଔଶନାୟ ଶୁକ୍ରଙ୍କୁ ବୃହସ୍ପତୟ।' ବୃହସ୍ପତି ଥିଲେ ଦେବତାଙ୍କ ଗୁରୁ ଓ ଶୁକ୍ର ଦୈତ୍ୟଙ୍କର ଗୁରୁ। ଅନେକେ ପଚାରି ପାରନ୍ତି, ଦୈତ୍ୟଙ୍କ ଗୁରୁଙ୍କୁ ସେ କାହିଁକି ପ୍ରଥମେ ପ୍ରଣାମ ଜଣେ। ଏଇଥା ଚାଣକ୍ୟ ତାଙ୍କ ନୀତିଶାସ୍ତ୍ରରେ କହିଛନ୍ତି- 'ଦୁର୍ଜନଂ ପ୍ରଥମଂ ବନ୍ଦନାଂ, ସଜ୍ଜନ ତଦାନ୍ତରା।' ଅର୍ଥାତ୍ ପ୍ରଥମେ ଦୁର୍ଜନଙ୍କୁ ପ୍ରଣାମ କରିବ, ପରେ ସଜ୍ଜନଙ୍କୁ। ଉଭୟ ଆମ ପାଇଁ ଆବଶ୍ୟକ। ଦୁର୍ଜନ କ୍ଷମା କରେ ନାହିଁ। କିନ୍ତୁ ସଜ୍ଜନ ସନ୍ଧାନ ନପାଇଲେ ମଧ୍ୟ କଥାଟାକୁ ହାଲୁକା ଭାବେ ଗ୍ରହଣ କରିବ। ଦୁର୍ଜନର ବୁଦ୍ଧି ମଧ୍ୟ ଥାଏ। ତାକୁ ପ୍ରଣାମ କିମ୍ବା ଅର୍ଥ ଦ୍ୱାରା ତୁଷ୍ଟ କରି କଥା ଆଦାୟ କରିବାକୁ ପଡ଼ିବ। ସେଇଭଳି ସଜ୍ଜନଙ୍କୁ ସନ୍ଧାନ ଦେଖାଇ ତାଙ୍କର ଆଶୀର୍ବାଦ ଓ ଉପଦେଶ ନେବାକୁ ପଡ଼ିବ। ସେଥିପାଇଁ ସେ କହିଛନ୍ତି ଯେ ଜଲ୍ (ବିଚାରକ) ଦୁଇ ପକ୍ଷକୁ ନ ଶୁଣି ନିଜ ରାୟ ଦେବା ଉଚିତ ନୁହେଁ। ବିଚାର ଘର ହେଉଛି ଆଲୋଚନା ଓ ତର୍କର ବଖରା। ତେବେ ତେବେ ଦେଖାଯାଏ ଯେ ଦୁର୍ଜନ ବୁଦ୍ଧିରେ ସଜ୍ଜନଠାରୁ ଆଗରେ। ସଜ୍ଜନ କେବଳ ସିଧା ରାସ୍ତାରେ ଯାଏ। ଦୁର୍ଜନ ସବୁ ରକମ (ସିଧା ଓ ବଙ୍କା) ରାସ୍ତାରେ ଯାଇ ବିଜୟ ହାସଲ କରେ। ଶୁକ୍ରାଚାର୍ଯ୍ୟଙ୍କ ପରାମର୍ଶ ନେଇ ରାକ୍ଷସମାନେ ଅନେକ ଯୁଦ୍ଧରେ ବିଜୟୀ ହୋଇଥିଲେ। ଚାଣକ୍ୟଙ୍କ ଆବିର୍ଭାବ ପୂର୍ବରୁ ପାଟଳିପୁତ୍ର ବିଦ୍ୟାଳୟରେ ରଣନୀତି ଶିକ୍ଷା ପ୍ରଦାନ କରା ଯାଉଥିଲା ଯଥା-ପରାଶର, ଔଷାନ, ମାନବ, ବୃହସ୍ପତି ଓ ଅଭିୟାଣ। ଔଷାନ ଉଶନୋ ଶବ୍ଦରୁ ଆସି ଥିବାରୁ ଏହା ଶୁକ୍ରାଚାର୍ଯ୍ୟଙ୍କର ବିଦ୍ୟାଳୟ ବୋଲି ଅନେକ ଧରି ନେଇଛନ୍ତି। ସେହିପରି ବୃହସ୍ପତି ବିଦ୍ୟାଳୟ ଦେବଗୁରୁଙ୍କର ରଣନୀତି ଉପରେ ପର୍ଯ୍ୟବେଶିତ ହୋଇଥିଲା। ଜଣେ ତତ୍ତ୍ୱେଷକ ପଶିଛନ୍ତି ଯେ ଚାଣକ୍ୟ ତାଙ୍କ ପୁସ୍ତକରେ ଶୁକ୍ରଙ୍କୁ ଅଧିକ ଥର ବର୍ତ୍ତନା କରିଛନ୍ତି। ସେ କେବଳ ବିଦ୍ୟାଳୟ ନୁହେଁ, ବ୍ୟକ୍ତିବିଶେଷଙ୍କର ପୋଥି କିମ୍ବା ଲୋକଥାରୁ ବିଛି ସଂଗ୍ରହ କରିଛନ୍ତି। ସେହି ମହାନ ଶିକ୍ଷକମାନେ ଥିଲେ ଭରଦ୍ୱାଜ ମୁନି, କୌନପଦାନ୍ତ, ପିଶୁନ, ବାଡବ୍ୟାଧି, ବହୁଦନ୍ତୀ ପୁତ୍ର ଏବଂ ବିଶାଳାକ୍ଷ। ଏହି ରଣନୀତି ବିଶେଷଜ୍ଞମାନଙ୍କର ଶିକ୍ଷା ସହିତ ସେ ବ୍ୟାସଙ୍କ ରଚିତ ମହାଭାରତ (ପାଁ ହଜାର ବର୍ଷ ପୁରୁଣା ଏବଂ ପ୍ରାୟ ଏକ ଲକ୍ଷ ପୃଷ୍ଠାବିଶିଷ୍ଟ ପୁସ୍ତକରୁ) ଚନ୍ଦୁଚନ୍ଦୁ ପଢ଼ିଥିଲେ। ଅଭିମନ୍ୟୁଙ୍କୁ ମାରିବା ଏକ ସୁନ୍ଦର ରଣକୌଶଳ ଥିଲା। ବହୁତ ବଡ଼ ଓ କୁଶଳୀ ସେନାକୁ ପଠାଗଲା କୁରୁକ୍ଷେତ୍ରରୁ (ଯୁଦ୍ଧଭୂମି) ହସ୍ତିନାପୁରକୁ ଏବଂ ପ୍ରଚାର କରି ବିଆଗଲା ଯେ ପାଣ୍ଡବ ବଂଶର ସମସ୍ତଙ୍କୁ ବନ୍ଦୀ କରାଯିବ। ଏ ରଣ କୌଶଳ ପାଣ୍ଡବମାନେ ବୁଝି ପାରିଲେ ନାହିଁ। ଏପଟେ ଚକ୍ରବ୍ୟୂହ ରଚନା କରାଗଲା। ଚକ୍ରବ୍ୟୂହରେ ପ୍ରବେଶ ସହଜ। କିନ୍ତୁ ପ୍ରସ୍ଥାନ ଏକ ପ୍ରକାର ଅସମ୍ଭବ ଏବଂ ସେ ବିଦ୍ୟା କେବଳ ଅର୍ଜୁନଙ୍କୁ ଜଣା ଥିଲା। ଅଭିମନ୍ୟୁ ପ୍ରବେଶର କୌଶଳ ଜାଣିଥିଲେ, କିନ୍ତୁ ପ୍ରସ୍ଥାନ ବିଷୟରେ ଅଜ୍ଞ ଥିଲେ। ଏଇ ରଣକୌଶଳରେ ଉଭୟ ପାଣ୍ଡବ ଓ କୌରବମାନେ ବୁଲଟି ଭୁଲ୍ କଲେ। ଚକ୍ରବ୍ୟୂହ ଅଂଚଳକୁ ଅର୍ଜୁନ ନଯାଇ ସେ ଗଲେ ହସ୍ତିନାପୁର। କୌରବମାନେ ଆଶା କରିଥିଲେ ଯେ ଯୁଧିଷ୍ଠିର ଚକ୍ରବ୍ୟୂହରେ ପ୍ରବେଶ କଲେ ତାକୁ ବନ୍ଦୀ କରିହେବ। ବନ୍ଦୀ କରିଥିଲେ ଯୁଦ୍ଧ ସମାପ୍ତ ହୋଇଥାନ୍ତା ଏବଂ ପାଣ୍ଡବମାନେ ପରାଜିତ ହେବେ ବୋଲି ଘୋଷଣା କରା ଯାଇଥାନ୍ତା। କିନ୍ତୁ କୌରବମାନେ ବିଚାର ଥିବା ଜାଇରେ ଅଭିମନ୍ୟୁ ପଡ଼ିଗଲେ ଓ ହସ୍ତିନାପୁର ତଥା ଧରୁପ୍ରସ୍ଥକୁ ଆକ୍ରମଣ କରିବାକୁ ଯାଇଥିବା ଅର୍ଜୁନ ସପ୍ତ ବାହିନୀକୁ ପରାସ୍ତ କରି ଫେରି ଆସିଲା ବେଳକୁ ଅଭିମନ୍ୟୁଙ୍କ ବଧ ହୋଇ ସାରିଲାଣି। ଏଥିରୁ ଜଣାପଡ଼େ ଯେ ଶତ୍ରୁ ପକ୍ଷର ଗୋଟିଏ ଅଂଶକୁ ପ୍ରତାରଣା କରି ଯୁଦ୍ଧଭୂମିର ବାହାରକୁ ପଠାଇବାକୁ ବାଧ କରି ମୂଳ ଯୁଦ୍ଧଭୂମିର ସୈନ୍ୟବାହିନୀକୁ ପରାସ୍ତ କରିବା କଥା। ତାହା କରିହେବ। ଯେଉଁ ମୁନି ତଥା ଶିକ୍ଷକମାନେ ଅନ୍ୟାନ୍ୟ ବିଷୟ ସହିତ ଯୁଦ୍ଧକଳା ବା ରଣନୀତି ଶିଖାଉ ଥିଲେ, ସେମାନଙ୍କ ମଧ୍ୟରୁ ପ୍ରଥମ ଥିଲେ ଭରଦ୍ୱାଜ। ଭରଦ୍ୱାଜଙ୍କର ଅନ୍ୟ ନାଁ ଥିଲା ଦ୍ରୋଣାଚାର୍ଯ୍ୟ ବୋଲି ଅର୍ଥଶାସ୍ତ୍ରକୁ ବ୍ୟାଖ୍ୟା କରିଥିବା କେତେକ ଗବେଷକ କହିଛନ୍ତି। କିନ୍ତୁ ଅନେକ କହିଛନ୍ତି ଯେ ଭରଦ୍ୱାଜ ହେଉଛନ୍ତି ଦ୍ରୋଣଙ୍କର ପିତୃଦେବ। ଯାହା ବି ହେଉ, ଦ୍ରୋଣାଚାର୍ଯ୍ୟଙ୍କର ରଣକୌଶଳ ଥିଲା ଅପୂର୍ବ ଓ ଧନୁର୍ବିଦ୍ୟା ଶିକ୍ଷା ଦେବାରେ ସେ ଥିଲେ ଅତୁଳନୀୟ। ସେ ଶିକ୍ଷା ପାଇଥିଲେ ଶ୍ରେଷ୍ଠ ଯୋଦ୍ଧା ପର୍ଶୁରାମଙ୍କଠାରୁ। ମହାଭାରତର ଦ୍ୱାଦଶ ଓ୍ୱଦରେ ରାଜନୀତି ବିଷୟରେ ଭରଦ୍ୱାଜ ଦେଇଥିବା ଦୁର୍ଲ ବର୍ତ୍ତନା କରାଯାଇଛି। ତା'ଗାଁ ଥିଲା କଣିକା ନୀତି ଏବଂ ତାହା ଏବେ ମଧ୍ୟ ପଠନୀୟ। ଆଉ ଜଣେ ବିଖ୍ୟାତ ଶିକ୍ଷକ ଥିଲେ ବିଶାଳାକ୍ଷ (ବିଶାଳ ଚକ୍ଷୁବିଶିଷ୍ଟ, ଅର୍ଥ ଭଗବାନ ଶିବ)। ସେ ସବୁ ଗୁରୁଙ୍କର ଗୁରୁ ଏବଂ ଦଣ୍ଡ ନୀତିର ପ୍ରବର୍ତ୍ତକ ଜଣିଛନ୍ତି। ସେଥିପାଇଁ ଉପାଧ କରୁଥିବା ଅନେକଗୁଡ଼ିଏ ରାକ୍ଷସଙ୍କୁ ସେ ବଧ କରିଛନ୍ତି। କୌନପଦାନ୍ତ (ଭୀଷ୍ମ) ମଧ୍ୟ ଜଣେ ବିଶିଷ୍ଟ ଶିକ୍ଷକ ଥିଲେ ଓ ମହାଭାରତର ଶାନ୍ତି ପର୍ବରେ ତାଙ୍କର ଉତ୍ତରୋତ୍ତର ଶିକ୍ଷା (ପାଣ୍ଡବମାନଙ୍କୁ)ର ଆଭାସ ମିଳେ। ସେ ରାଜ ଧର୍ମଠାରୁ ଆରମ୍ଭ କରି ମହିଳାମାନଙ୍କୁ ଉପଯୁକ୍ତ ସମ୍ମାନ ଦେଖାଇବା ଏବଂ ଯୁଦ୍ଧକୌଶଳ ପର୍ଯ୍ୟନ୍ତ ନିଜର ଶିକ୍ଷା ଦେଇଥିଲେ। ତାଙ୍କ ପରେ ଶିକ୍ଷକ ହେଉଛନ୍ତି ବାହୁଦନ୍ତୀ ପୁତ୍ର ଅର୍ଥାତ୍ ଇନ୍ଦ୍ର। ତାଙ୍କ ଶିକ୍ଷା ପାଇ ଅନେକ ଯୋଦ୍ଧା ବିଖ୍ୟାତ ହୋଇଛନ୍ତି ଓ ସେଥିରୁ କିଛି ଗ୍ରହଣ କରିଛନ୍ତି। ପାଠକମାନେ ଜାଣିଥିବେ ଯେ ଶ୍ରୀକୃଷ୍ଣଙ୍କର ବନ୍ଧୁ ଓ ଭକ୍ତ ଉଦ୍ଧବ ମଧ୍ୟ ଯୁଦ୍ଧବିଦ୍ୟାରେ ନିପୁଣ ଥିଲେ। ତାଙ୍କର ପ୍ରଶାସନିକ ଶିକ୍ଷା ସହିତ ଯୁଦ୍ଧ ନୀତିକୁ ଚାଣକ୍ୟ କେତେକ ପରିମାଣରେ ଗ୍ରହଣ କରିଥିଲେ। ଏହିପରି ଅନେକ ଗୁରୁ, ଶିକ୍ଷା ସ୍କୁଲରୁ ଚାଣକ୍ୟ ବିଭିନ୍ନ ତଥ୍ୟ ସଂଗ୍ରହ କରି ନିଜର ମତ ଦେଇ ଯୁଦ୍ଧ ଙ୍କ୍ଷାସ୍ତ୍ରରେ ଅର୍ଥଶାସ୍ତ୍ରରେ ଆଲୋଚନା କରିଛନ୍ତି। ଚାଲିକା ବହୁତ ଲମ୍ବା, ଅନେକ ନାଁରେ ସେ ପରିବର୍ତ୍ତନ କରିଛନ୍ତି, ଯଥା- ନାରଦଙ୍କୁ ସେ ପିଶୁନ ବୋଲି କହିଛନ୍ତି। ଇନ୍ଦ୍ରଙ୍କ ନାଁ ବିଆଯାଇଛି ବାହୁଦନ୍ତୀ

ପ୍ରତାରିତ ସାଧାରଣ ମଣିଷଙ୍କ ଗତି କେଉଁଆଡକୁ... ? !(୨)

ଅସମ୍ଭବ ଭଳି ମାନେ ହେଉଛି ଏହି ବିଷୟ ଭାବିଲେ ଯେ ଆମ ସାଧାରଣ ଲୋକେ ସତ୍ୟକୁ ବୁଝିବେ କେମିତି ଆଉ କେବେ... ? ! ସତ୍ୟର ଅନୁସନ୍ଧାନ କରି ନିଜସ୍ୱ ଜ୍ଞାନ ଅର୍ଜନ କରି ପଥ ଅତିକ୍ରମ କରିବା ତେତନା ବିହୀନ ସମାଜରେ ମିଥ୍ୟାକୁ ଏମିତି ରୂପରେ ରଙ୍ଗେଇ ଉତରଣ କରିଥା'ନ୍ତି ଚତୁର ଯେ ସେହି ମିଥ୍ୟକୁ ହିଁ ସତ୍ୟ ବୋଲି ଗ୍ରହଣ କରିବାରେ ଆବୋ କୁଣ୍ଠା ବୋଧ କରୁନାହାଁନ୍ତି ନିର୍ବୋଧ ସାଧାରଣ ମଣିଷ ହେଉଛି ଅଜ୍ଞାନ ଶିକ୍ଷିତ ! ଜୀବନର ପ୍ରତ୍ୟେକ ମୁହୂ ର୍ତ୍ତର ପ୍ରତ୍ୟେକ ମିଥ୍ୟକୁ ହିଁ ସତ୍ୟ ବୋଲି ଗ୍ରହଣ କରି ଅହରହ ଅଶାନ୍ତିରେ ଜଂଜୁଥିବା ସାଧାରଣ ଲୋକଙ୍କ ଜୀବନ ଶୈଳୀ ଦେଖିଲେ ଅତ୍ୟନ୍ତ ଦୁଃଖ ଅନୁଭବ ହେଉଛି ସେମାନଙ୍କୁ ଯେଉଁମାନେ ଦୁଇଛନ୍ତି ସତ୍ୟ ବ'ଣ। କିନ୍ତୁ ସମସ୍ତେ ପ୍ରାୟତଃ ମିଥ୍ୟା ଦୁହେଳିକା ପଛରେ ଦୌଡ଼ି ନିଜ ଜୀବନକୁ ଅସନ୍ତୁଳିତ ଅବସ୍ଥାରେ ରଖି ଜଂଜୁଥିବା କଥା ପଶୁନାହିଁ କାହା ମନରେ କି ଦୁଃଖୀର ପ୍ରୟାସ ନାହିଁ କାହାର ଆଜି ସମସ୍ତରେ। ସାଧାରଣ ନିର୍ବୋଧ ମଣିଷ ବିଭିନ୍ନ ଗଣମାଧ୍ୟମରେ ମିଛ କଥା ଗୁଡିକ ସବାକୁ ରାତ୍ରି ପର୍ଯ୍ୟନ୍ତ ଦେଖି, ଶୁଣି ଏକ ପ୍ରକାର ମିଥ୍ୟାରୁ ମନୋଭାବ ଜାଗୃତ ହୋଇ ସାରିଲାଣି ସମସ୍ତଙ୍କ ମନରେ। ତେଣୁ ମିଥ୍ୟାବାଦୀ ବିଭିନ୍ନ ଗଣମାଧ୍ୟମରେ ନାଟ, ଗୀତ, ପ୍ରସ୍ତର, ପ୍ରସାରର ଉପାଦହରା ତଥା ମିଥ୍ୟା ଭବିଷ୍ୟ ଉତ୍ତୁଳର ରୁଚିପୂର୍ବ ବାର୍ତ୍ତା, ମନ୍ତବ୍ୟ ବିତରଣ କରୁଛନ୍ତି ପ୍ରତ୍ୟେକ ସମୟରେ ଯାହା ସବୁ ସମାଜକୁ ଗିଳି ସାରିଲାଣି। ତେଣୁ ସମାଜରେ ସମସ୍ତ ମଣିଷ କେବଳ ମିଥ୍ୟାବାଦୀଙ୍କ ମିଥ୍ୟାଘୁରିରା ପୁତି ଆକୃଷ୍ଟ ହୋଇ ସତ୍ୟ ଓ ସତ୍ୟବାଦୀକୁ ପ୍ରତ୍ୟାଖ୍ୟାନ କରୁଛନ୍ତି ଏବଂ ସମସ୍ତରେ ସତ୍ୟର ଆଧାରକୁ ପରିହାସ କରୁଥିବା ମଜ୍ଜ କିଛି କମ୍ ଦେଖିବାକୁ ମିଳୁନାହିଁ ଆମ ସମାଜରେ। ଜି'ବୁ ଜିତିତ ବିଶ୍ୱରଶୀକ ମନୋଭାବ ରଖିଥିବା ମଣିଷ ଯବି ଚେଷ୍ଟା କରିବେ ସତ୍ୟକୁ ଜାଣିବା ପାଇଁ ତାହେଲେ ଦୈନନ୍ଦିନ ଜୀବନରେ ବୃଶ୍ୟ, ଶ୍ରାବ୍ୟ ସମସ୍ତ ପ୍ରସ୍ତୁରିତ, ପ୍ରସାରିତ ତଥ୍ୟ ଗୁଡିକୁ ପ୍ରତ୍ୟାଖ୍ୟାନ କରି ସତ୍ୟର ଅନୁସନ୍ଧାନ କରି ନପାଇବା ପର୍ଯ୍ୟନ୍ତ ସେଗୁଡ଼ିକୁ ଗ୍ରହଣ ନକଲେ ସେ ନିଶ୍ଚିତ ପାଇପାରିବେ ସତ୍ୟର ପଥ ସେଇଥିରେ କୌଣସି ସନ୍ଦେହ ନାହିଁ। ସାଧାରଣରେ ସାମାଜିକ ପ୍ରସ୍ତୁରିତ , ପ୍ରସାରିତ କଥା ଗୁଡିକୁ ପ୍ରତ୍ୟାଖ୍ୟାନ କରି ଅନୁସନ୍ଧାନ ମୂଳକ ସତ୍ୟର ଭାବଗ୍ରାହୀ ଯେ କୌଣସି ସମୟରେ ନିଶ୍ଚିତ ତାହାର ସନ୍ଧାନ ପାଇପାରିବ ସେଇଥିରେ କୌଣସି ସନ୍ଦେହ ନାହିଁ। କିନ୍ତୁ ହଁ, କିଛି ଜଲ୍ଦ କରିବାକୁ ପଡିବ ଏବଂ କିଛି କ୍ଷତି ସହିବାକୁ ମଜ୍ଜ ପରିପାରେ ଆଜିର ଏହି ବ୍ୟବସାୟିକ ମନୋବୃତ୍ତ ମଣିଷ ସମାଜରେ। ସତ୍ୟର ପଥ ଅରେ ପାଉଥାଇ ପରେ ନିଶ୍ଚିତ ହୁହି ପାରିବେ ଯେ ଏହି ମିଥ୍ୟାବାଦୀଙ୍କ ପୁରୋତନାରେ ପତି ସେମାନେ ମିଥ୍ୟାଘୁରୀ ଭଳି କେମିତି ପ୍ରତାରିତ ଜୀବନ ବିତାଉଥିଲେ ଆଉ ସତ୍ୟର ପଥ କେଉଁ ଦିସରେ... ! ଏହା କରିବାକୁ ହେଲେ ସତ୍ ସାହସ ସହିତ ଧାର୍ଯ୍ୟ ଏବଂ ଧୋଟାର ପରିସ୍ଥିତିର ମୁକାବିଲା କରିବା କ୍ଷମତା ଜାଗୃତ କରିବାକୁ ହେବ ଯାହା କୌଣସି ବିତିତ୍ତ ଜଷ୍ଟଘାଣ୍ଟ କଥା ନୁହେଁ। କେବଳ ନିଜର ମନୋବଳ ସୁଦୃଢ଼ ରଖି ସତ୍ୟର ଅନୁସନ୍ଧାନ କରିବାକୁ ହେବ। ଆଉ ଥରେ ସତ୍ୟର ସ୍ୱାଦ ପାଇଗଲା ପରେ ଫଂସାରର ସମସ୍ତ ଦୁହେଳିକା, ମିଥ୍ୟା ବଚନକୁ ପ୍ରତ୍ୟାଖ୍ୟାନ କରି ମଣିଷ ନିଜ ଜୀବନର ପ୍ରକୃତ ମୂଲ୍ୟ ବୁଝି ପାରିବ ଏବଂ ଚତୁର କେଳେଙ୍କାରୀଙ୍କ ଅଗ୍ନିମୁଖ ଜଡଳକୁ ନିସ୍ତାର ପାଇ ନିଜକୁ ତଥା ନିଜ ପରିବାରକୁ ସୁଖ, ଶାନ୍ତିରେ ଜଂଚିବାକୁ ଦେଇପାରିବ। ପ୍ରକଳ ଇଛା ଶକ୍ତିର ଆବଶ୍ୟକତା ରହିଛି ସେସବୁ କରିବାକୁ ପ୍ରୟାସ ଆରମ୍ଭ କଲେ ...!

ଆମେ ଯାହା ସବୁ କହୁଛୁ ଏସୁଡ଼ିକ ପାଠକଙ୍କୁ କେତେ ମାତ୍ରାରେ ସତ୍ଜ୍ଞାନ ଦେଇଥିବ ଜାଣିନଥିଲେ ମଜ୍ଜ ଅନୁମାନ କରି ଦେଇଛିକି ସାଧାରଣ ଲୋକେ ଏସବୁ ସହଜରେ ଗ୍ରହଣ କରି ପାରୁନଥିବେ ! ବି'ଜୁ ସହନଶୀଳତାର ତରମ ସୀମାରେ ପହଂଚି ସୃଚିକୁ ହେଲେମଜ୍ଜ ସାଧାରଣ ନିରୀହ ନିର୍ବୋଧ ମଣିଷଙ୍କୁ ଅଜ୍ଞାନତାର ଗଭୀର ଅନ୍ଧକାରରୁ ମୁକୁଳାର ଏକ ଉ ମ ମାନବିକ ସମାଜ ଗଠନ ଦିସରେ ପ୍ରୟାଶରତ ଆମର ତେତନା ଅସମ୍ଭାଳ ହେବାରେ ଏହି ସାମାଜିକ ମାୟା ଜାଲର ଖୁଲାସା କରିବାକୁ ବାଧ୍ ହୋଇ ଲିଖିତ ବିଷୟ ଗୁଡିକର ଭେତେ ମାତ୍ରାରେ ପ୍ରଭାବ ପଡୁଥିବ ସମାଜ ଉପରେ ତୁହି ମଜ୍ଜ ଇଚ୍ଛା ପାଦ ଆମର ଶିକୁଳି ଖୋଲି ଏହିସବୁ ପୁରେଣା ଯୋଗାଇବାରେ ନିମସ୍ତ କରୁଛି ଆମକୁ। ଦେଶିକି ସମୟ ଇତିତ ଯେ ସାଧାରଣ ଲୋକେ ଯାହା ବୁଝିଛନ୍ତି ତାହା ସତ୍ୟ ନା ସତ୍ୟର ପଥ ଅନ୍ୟ କେଉଁ ଦିସରେ ପରିସ୍ତ୍ରତିତ, ମିଥ୍ୟାବାଦୀଙ୍କ ପ୍ରତାରଣା ସମାଜକୁ ଚକିତକାନ୍ତ କରୁଛି କେମିତି, ଯେତେବେଳେ ଆମ ପାଖରେ ଆଉ ସମୟ ନଥିବ ସେସବୁ ପୁଧାରିବା ପାଇଁ... ! ଆଉ ଅଧିକ ଜଂଣ ଅବା ବୁହାଯାଇ ପାରିବ ଯେତେବେଳେ ସାଧାରଣ ମଣିଷ ନିଜକୁ ନିଜେହିଁ ନପୁଧାରି ସତ୍ୟର ଅନୁସନ୍ଧାନ କରିବାରେ ଅସମର୍ଥ ରହି ଅହରହ ଅନ୍ୟର ମିଥ୍ୟା ଦୁହେଳିକାରେ ବିଶ୍ୱାସ କରି ଜୀବନକୁ ବିତନ୍ତୁ କରି ରଖିଛନ୍ତି। ସେମାନଙ୍କ ଭବିଷ୍ୟ ପିଢ଼ି ତଥା ରାଷ୍ଟ୍ରର କୌଣସି ସକାରାତ୍ମକ ଉନ୍ନତି ପରିବର୍ତ୍ତେ ମିଛିମିଛିକା ପ୍ରଗତିର ପ୍ରହେଳିକାରେ ବିମୁଗ୍ଧ ବିଭୋର ନିର୍ବୋଧଙ୍କ ଗତି ଯେଉଁଆଡକୁ ହେବା ଉଚା ହୋଇ ରୁଗିଛି। ଏଭଳିସୁନ୍ଦର ନିସ୍ତାର ନାହିଁ ଯେତେବେଳ ପର୍ଯ୍ୟନ୍ତ ସାଧାରଣ ଲୋକେ ସମାଜରେ ବିତରିତ ବୁହେଳିକାକୁ ପ୍ରତ୍ୟାଖ୍ୟାନ କରି ସତ୍ୟର ଅନୁସନ୍ଧାନରେ ବ୍ରତୀ ନହୋଇଛନ୍ତି ଏବଂ ନିଜକୁ ନିଜେ ସତ୍ୟ ପଥରେ ପରିସ୍ତ୍ରତିତ କରି ନିଜ ସହିତ ଭବିଷ୍ୟ ପିଢିଙ୍କ ଭବିଷ୍ୟତ ବିପ୍ଳବ କରିଛନ୍ତି। ସତ୍ୟକୁ ଜାଣିବାକୁ ହେଲେ ଉପସ୍ଥିତ ସମୟର ବୁହେଳିକା ତଥା ଅନ୍ୟର ପ୍ରରୋଚନାରୁ ନିଜକୁ ପୁତେର ରଖି ଅନୁସନ୍ଧିତ୍ସା ମୂଳକ ପରତ୍ୟେକ ମୁହୂର୍ତ୍ତରେ ପ୍ରତ୍ୟେକ ଜଣାର ଆମୁଳ ବୁତ ବ୍ୟବହରେ କରି ସତ୍ୟ ଏବଂ ମିଥ୍ୟାର ଆକୁଆଳକୁ ହଟାଇ ନିଜର ମାନସମନ୍ଥନ ପୂର୍ବକ ଗ୍ରହଣ କରିବାକୁ ହେବ। ଯିଏ ଯାହା କହିଲା, ଲେଖିଲା, ବିଜିଲା ସେଗୁଡ଼ିକରେ ନିର୍ଦ୍ୱ ବିଶ୍ୱାସ ରଖି ଗ୍ରହଣ କରିବାର ସମୟ ଆଉ ନାହିଁ ଆଜି ବିଳରେ। ସେ ଜାଲର ରାମରାଜ୍ୟର ସମୟ ଶେଷ ହୋଇ ବ 'ମାନ ଯୁଗିଛି ମିଥ୍ୟା ଯୁଗ ! ପ୍ରତ୍ୟେକ ମୁହୂର୍ତ୍ତରେ ସେହି ମହାନ ପୁରୁଷୋ ମ ରାମଙ୍କ ନାମ ନେଉଥିବା ମଣିଷ ଗୁଡିକ ହିଁ ସମାଜରେ ସତ୍ଚାରୁ ଅଧିକ ମିଥ୍ୟା ପ୍ରଚରକ ବେଶ ସମାଜକୁ ଅଧୋଗତି ଆଡକୁ ଠେଲିଦେବାରେ ତିଳେ ହେଲେ ଦ୍ୱାଧା ଅନୁଭବ କରୁନାହାନ୍ତି। ସବୁ ସମୟରେ ସବୁ ମଣିଷ କେବଳ ନିଜସ୍ୱ ସ୍ୱାର୍ଥ ଚିନ୍ତା ଜରି ଅନ୍ୟକୁ ମିଛ କହି ଠକିବାରେ ବ୍ୟସ୍ତ ରହୁଛନ୍ତି। ତେଣୁ ସକାକୁ ଉଠି ରାତ୍ରିରେ ଶୋଇବାକୁ ଯିବା ପର୍ଯ୍ୟନ୍ତ କେବଳ ମିଛରେ ହିଁ ଘୁଲୁଛି ଆମ ସମାଜ। ଏହି ପରିପ୍ରେକ୍ଷୀରେ ଯିଏ ନିଜକୁ ମଣିଷ ଭଳି ଜଂଚିବାର ପ୍ରୟାସ କରୁଛନ୍ତି ଅତଃଃ ସେମାନେ ଜାହାର ବୁହେଳିକାକୁ ନିର୍ଦ୍ଦୁଦରେ ବିଶ୍ୱାସକୁ ନଦେଲେ କେବଳ ସତ୍ୟକୁ ପାଇବା ପର୍ଯ୍ୟନ୍ତ ଅନୁସନ୍ଧାନ ଜାରି ରଖୁଛୁ ଏବଂ ସତ୍ୟକୁ ଜାଣି ମିଥ୍ୟକୁ ପ୍ରତ୍ୟାଖ୍ୟାନ କରି ସମାଜରେ ସତ୍ୟର ପରିଜ୍ଞାତା ବ ନରେ ତୁତା ହୁଅନ୍ତୁ ବୋଲି ଆମର ଆହ୍ୱାନ। ଅଥବା ରାଷ୍ଟ୍ର ଭିତିରେଇ କରି ଯେଉଁ ପାତାକକୁ ପସିବାକୁ ବସିଲାଣି ତାହାର ଅନ୍ତ କେବଳ ସମସ୍ତଙ୍କୁ ନିର୍ମୁଳ ହେବା ଛଡା ଦୌଣସି ଉଲ ଗତି ଆଉ ବିଶ୍ୱମାନଙ୍କି ଆମକୁ ଯାହା ରକ୍ଷା କରିବା ପାଇଁ ସ୍ୱର୍ଗରୁ ଜେଉଁ ଭଗବାନ ଅବତରଣ କରିବେ ନାହିଁ। ବଂଚ ସମସ୍ତେ ମିଳିମିଶି ହିଁ ତାହାର ସୁଧାର କରି ପାରିବା ବୋଲି ଆମ ବିସ୍ୱରରେ ଆପଣଙ୍କ ବୁଦ୍ଧିଧା ଥିଲେ ଜଣାଇବାକୁ ଅନୁରୋଧ...।

ପଙ୍କଜ କୁମାର ପାଣିଗ୍ରାହୀ ।
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୬୩୨୪୯୧୭.

ଗୋସେବା ଏକ ଅନନ୍ୟ ସେବା



ବେଦୀ ଉତ୍ତରୀ ଜଳରୁ ମାନୁଷ ଓ ପଶୁପକ୍ଷୀମାନଙ୍କ ମଙ୍ଗଳେ ପରିସ୍ତ୍ରତିରେ ଦିବିକ ଜାଗରି ଓଡ଼ଶାରେ ଜଳରେ ବି ଏମାନଙ୍କର ଦୁଃଖରେ ଏହି ମାନିଷମାନଙ୍କୁ ଯୌଶସି ପୁଜାରେ ମନ୍ତ୍ର ଦୁଇ । ଏଥିରେ ଜଁ ଯୋଗଦେଇ ଥିବା ଦୁଇ, ତିନଜଣ, ପୁଣି ଜଣେ ଦୁଇ ଜଣ ମିଳି ଏ





ବାର୍ଷିକ କ୍ରୀଡା ଓ ବିଦ୍ୟାଳୟ ସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ୨୦୨୪ ଉଦଯାପିତ

ଝାଗୁର୍ଗା,୨୦/୧(ନି/ପ୍ର): ତା ୧୯/୦୧-ନବରଙ୍ଗପୁର ଜିଲ୍ଲା ଝାଗୁର୍ଗା ବ୍ଲକ ପାଲିଆ ଫଂଚାୟତ ଅଧିନସ୍ଥ ରାମସା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୧୧ତମ ବାର୍ଷିକ କ୍ରୀଡା ମହୋତ୍ସବ ଉଦଯାପିତ ହୋଇଯାଇଛି ।ଉକ୍ତ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଫୁଟୁଗାଁ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରାଶିତ ସାହୁ ଯୋଗ ଦେଇଥିବା ବେଳେ ସଞ୍ଚାଳିତ ଅତିଥି ମାନଙ୍କ ମଧ୍ୟରେ ସି. ଆର. ସି. ସି ରାମସା କ୍ଲଷ୍ଟର ସଂଗ୍ରାମ କେଶରୀ ବଡ଼ଜେନା, ଫୁଟୁଗାଁ ସରକାରୀ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବୀରଜ ପାତ୍ରୀ, ରାମସା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସ୍କୁଲ ପରିଚାଳନା କମିଟିର ପୂର୍ବତନ ସଭାପତି ତୁଲାରାମ ମାଝୀ, ବର୍ତ୍ତମାନର ସ୍କୁଲ ପରିଚାଳନା କମିଟିର ସଭାପତି ସୁରେନ୍ଦ୍ର ଦୁର୍ଗା, ରାମସା ୬ନ ଖ୍ୟାର୍ଡ ର ଖ୍ୟାର୍ଡ ସଭ୍ୟ ଧନେର ଟୁହାରା, ରାମସା ୧ର ଅଙ୍ଗନବାଡି



କର୍ମୀ କୁନ୍ତଳା ହରିଜନ, ରାମସା ୨ ର ଅଙ୍ଗନବାଡି କର୍ମୀ ଭାଗ୍ୟବତୀ ହରିଜନ, ରାମସା ୧ରା ଆଶା କର୍ମୀ ପୁଷ୍ପାରାଣୀ ପାଳଙ୍କ ସମେତ ଗ୍ରାମର ଉଚ୍ଚ ବ୍ୟକ୍ତି, ଉଚ୍ଚ ମହିଳା ଏବଂ ଛାତ୍ରଛାତ୍ରୀ ମାନଙ୍କ ଅବିଭାବକ ମାନେ ମଂଚାସିନ ରହିଥିଲେ ।ପ୍ରଥମେ ମଂଚାସିନ ସମସ୍ତ ଅତିଥି ପ୍ରଭୁ ଗଜାନନଙ୍କ ପ୍ରତିମା ସମ୍ମୁଖରେ ପ୍ରଦୀପ ଓ ଧୂପ ପ୍ରଜ୍ୱଳନ ପୂର୍ବକ ଗଜାନନଙ୍କ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ ।ରାମସା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସହଚାରୀ ଶିକ୍ଷକ ବେଣୁଧର ଭରତା ମଂଚ ପରିଚାଳନା କରିବା ସହିତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ନେଙ୍ଗ ବିଦ୍ୟାଳୟର ବାର୍ଷିକ ବିବରଣୀ ସର୍ବ ସମ୍ମୁଖରେ ଉପ ସ୍ଥାପନା କରିଥିଲେ ।ବିଦ୍ୟାଳୟର ଖେଳ ଶିକ୍ଷକ ବୀରଜ କୁମାର ସିଂ, ଗୋପୀନାଥ ଭରତା, ମାନସ ରଞ୍ଜନ ମେହେର, ଅରୁଣ କୁମାର ପ୍ରଧାନ, ଭାବଗ୍ରାହୀ ଲେଙ୍କା, ସୁଜେଶ କୁମାର ନାଇକ,ଶିବ ପ୍ରସାଦ ସାହୁ, ଶିକ୍ଷୟିତ୍ରୀ ସୁକାରା ପେଙ୍କଇ, ସବିତା ନାଥୁଆ, ରାତ୍ରି ଜଗୁଆଲି ମାନଙ୍କି ଗଣ୍ଡ, ଇରାଦାମ ଭରତା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ଗୁରୁ ଦାୟିତ୍ୱ ତୁଲେଇଥିଲେ ।ଚଳିତ ବର୍ଷ ପ୍ରଥମ ଥର ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ -୨୦୨୪ରେ ଭାଗନେଇଥିଲେ । ଜିଜ୍ଞାସା କ୍ଲବ, କୌଶଳୀ କ୍ଲବ, ସାହିତ୍ୟ ବୃଜନୀ କ୍ଲବ ଓ କ୍ରୀଡାଙ୍ଗନ କ୍ଲବ ଭଳି ଚାରିଟି କ୍ଲବରେ ବିଭକ୍ତ ହୋଇ ଚାରିଟି ବିଭାଗରେ ନିଜ ଭିତରେ ଅନର୍ନିହିତ ପ୍ରତିଭା ସବୁର ପ୍ରଦର୍ଶନ କରିଥିଲେ ।କାର୍ଯ୍ୟକ୍ରମକୁ ଆସିଥିବା ଅତିଥିଗଣ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ ଅନର୍ନିହିତ ପ୍ରତିଭା ସବୁ ବୁଲି ଦେଖିଥିଲେ ଓ ବହୁତ ପ୍ରଶଂସା ମଧ୍ୟ କରିଥିଲେ ।ଉପସ୍ଥିତ ଅତିଥିଗଣ ଛାତ୍ରଛାତ୍ରୀ ମାନଙ୍କୁ ମନ ଲଗାଇ ପାଠ ପଢିବା ପାଇଁ ଉପଦେଶ ଦେଇଥିଲେ ।ପରେ ଦୁଇଦିନ ଧରି ଚାଲିଥିବା କ୍ରୀଡା ପ୍ରତିଯୋଗିତାରେ ଭାଗନେଇ ଜୟୀ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବଂଟନ କରାଯାଇଥିଲା ।ସର୍ବମୋଟ ୫୨ଟି ଇଭେଂଟରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିବା ବେଳେ ବିଦ୍ୟାଳୟର ୧୫୨ଜଣ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଉତୀର୍ଣ୍ଣ ହୋଇ ମଂଚାସିନ ଅତିଥି ମାନଙ୍କ ହସ୍ତରୁ ପୁରସ୍କାର ଓ ମାନପତ୍ର ଗ୍ରହଣ କରିଥିଲେ ।ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରୀମତୀ ଓ ମାନପତ୍ର ପ୍ରଦାନ



ଏନେଜସିଏସ ଚୁକ୍ତିନାମା ଦାବିରେ ୨୯ ଓ ୩୦ ଟ୍ରେଡ୍ ୟୁନିୟନର ଧର୍ମଘଟ

ରାଉରକେଲା, ୨୦/୧ (ନି/ପ୍ର): ବହୁ ପ୍ରତିକ୍ଷୀତ ଏନେଜସିଏସ ବୈଠକ ବିଳ୍ଭା ଠାରେ ଅନୁଷ୍ଠିତ ହେଇଅଛି। ମିଳିତ ଟ୍ରେଡୟୁନିୟନ ତରଫରୁ ୩୯ମାସର ଏରିଅର ପ୍ରଦାନ ସହ ଏନେଜସିଏସ ଚୁକ୍ତିନାମା ଦ୍ରୁତ କରିବା, ଏନେଜସିଏସରେ ଠିକାଶ୍ରମିକ ମହୁରୀ ବୃଦ୍ଧି, ଗ୍ରାଚୁଇଟି ଉପରୁ ସିଲିଂ ପ୍ରତ୍ୟାହାର, ତ. ୪୦୫୦୦/- ରୁ ଅଧିକ ବୋନସ ପ୍ରଦାନ, ଅତିରିକ୍ତ ଗୋଟିଏ ଇନ୍କ୍ରିମେନ୍ଟ ପ୍ରଦାନ, ଭାଇଜାଗ ଶ୍ରମିକଙ୍କୁ ଏରିଅର ପ୍ରଦାନ, ତଥା ପର୍ଚ୍ଚେ ଏରିଅର, ଆତ୍ତାହାଜିନ ଭତା ପରଭତା ବୃଦ୍ଧି ଖଣି ଅଂଚଳେର ବିଷ୍ଫୋଳି ଭତା ଇତ୍ୟାଦି ଦାବଦାର ଆରଏସଏସର ନିହାର ଦାସ, ଆରଏମଏସ ର ଅକ୍ଷୟ ନାୟକ, ସିଆଇଟିୟୁ ର ବସନ୍ତ ନାୟକ, ଜିଏମଏମ ର ଗୋପାଳ ଦାସ, ଏଆଇଟିୟୁସି ର ରମେଶ ସେଠୀ, ଏଆଇୟୁଟିୟୁସି ର ଅଜିତ ନାୟକ, ସିଅର ର ହେମଲତା ବେହୁରିଆ, ଏଆଇସିସିଟୟୁ ର ସୁବାସ ଜାମୁଡାଜିଆ ଓ ଆଇଆଇଜେଏସ ର ରମେଶ ସାହୁ ଙ୍କ ନେତୃତ୍ୱେର ବିଶ୍ଭାଳଠାରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଜାନୁଆରୀ ୨୯ ଓ ୩୦ ରେ ଇସ୍ପାତ ଉତ୍ପାଦନରେ ବୁଢ ବିନିଥା ଧର୍ମଘଟ ନୋଟିସ ଗତ ୧୨ ତାରିଖରେ ମିଳିତ ଟ୍ରେଡ ୟୁନିୟନ ମାନଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ଏହି ବୈଷ୍ଠକରେ ଆରଏସଏସ ର ବିଲ୍ଭାସ ମହାପାତ୍ର, ଆରେକ ପଣ୍ଡା, ଅକ୍ଷୟ ଜେନା, ସବୁରଣ ପାଣିଗ୍ରାହୀ, ରଘୁନାଥ ଗୁପ୍ତା, ବଟିକ ସେଖର ବେଓ, ସୌମ୍ୟକାନ୍ତ ଧଳ, ପ୍ରତାପ ପଣ୍ଡା, ଆରଏମଏସ ର ଅସିତ ବାସ, ଅନ୍ୟ ଜେନା, ନିରଂଜନ ସାମଲ, ସତ୍ୟାନନ୍ଦ ବେହେରା, ପଟିତ ଜେନା, ଖେଗନ୍ଥ ବେହେରା, ସଚିତ୍ଦେଶ୍ୱର ବଳ, ବିଶ୍ଭୁ ପ୍ରଧାନ, ସିଆଇଟିୟୁ ର ବିମାନ ମାଇତି, ଚରାଳର ନାୟକ, ବିପି ମହାପାତ୍ର, ଲକ୍ଷ୍ମୀଧର ନାୟକ, ଜୀବନ ବାରିଆ, ଅଜୟ ଶର୍ମା, ଶିବରାମ ବେହେରା, ଜିଏମଏମ ର ସଂଜୟ ପଣ୍ଡା, ମଙ୍ଗଳ ଏକ୍କା, ସେବାଶ୍ର ଜୁହୁର, ଅନନ୍ତ ବେଗ୍ୟା, ବିଶ୍ଭୁ ମହନ୍ତ, ଥୋମାସ ବେପ୍ୟା, ମହାବିର ବାସ, ଏଆଇଟିୟୁସିର କୈଳାସ ନାୟକ, ନିକମାଧବ ସାହୁ, ଅକ୍ଷୟ ପଣ୍ଡା, ଏଆଇୟୁଟିୟୁସିର ଶ୍ରୀନିବାସ ସେଠୀ, ସେଖ ଇସ୍ଲାମ, ଅଲାଲ ବେହେରା, ସିଅର ର ସବୁଇଜୁ ବାସ, ସେକାଶ ସବୁରନ, ସୁଧି ଚୌଧୁରି, ଆରଆଇଜେଏସ ର ବଟିନାଥ ତ୍ରିପାଠି, ଜୟନ୍ତ ସାମଲ, ରାଜୁ ସାହୁ, ପ୍ରମୁଳ ବକ୍ତବ୍ୟରଖି ତରଫ ଏନେଜସିଏସ ଚୁକ୍ତିନାମା ଶୀଘ୍ର କରିବାପାଇଁ ଦାବି କରିଥିଲେ। ନେତତ ଆସନ୍ତା ଜାନୁୟାରୀ ୨୯ ଓ ୩୦ ଇସ୍ପାତ ଉତ୍ପାଦନରେ ବୁଢବିନିଥା ଧର୍ମଘଟ ପାଇଁ ଚଳମନ ନିର୍ଦ୍ଦେଶାଖେର ସମସ୍ତ ଇସ୍ପାତ ଶ୍ରମିକ ଏକ ହୋଇ ଧର୍ମଘଟ ସଫଳ ପାଇଁ ଆହ୍ୱାନ କରିଥିଲେ। ଅନ୍ୟାନ୍ୟ ରାଷ୍ଟ୍ରାୟତ ଉତ୍ପାଦ୍ୟାଗ ତଥା ଅଫିସର ମାନଙ୍କର ବରମା ୧୫% ଏମଭିବି ସହ ୩୫% ପର୍ଚ୍ଚେ ମଜୁରି ଚୁକ୍ତିନାମା ହୋଇସାରିଛି। କେନ୍ଦ୍ରସରକାରଙ୍କର ଅଯୋଗ୍ୟବିକିଟି ନାମେର ସେଲ୍ କର୍ତ୍ତୃପକ୍ଷ ରେଳର୍ ଲାଇନେଲ ମଧ୍ୟ ୭ଟର୍ଷ ଅତିକ୍ରାନ୍ତେହେଲ ମଧ୍ୟ ଏନେଜସିଏସ ଚୁକ୍ତିନାମା ବତ୍ତୁନାହିଁ। ଏଣୁ ଇସ୍ପାତ ଶ୍ରମିକ ହୋଇ ବୁଢ ବିନିଥା ଧର୍ମଘଟ ପାଇଁ ବାଧ୍ୟହେଇଛନ୍ତି। ଆଜିର ଏହି ବୈଷ୍ଠକରେ ଧୂପା ନାୟକ, ଅଖିଳ ପୃଷ୍ଟି, ବଟିନାଥ ଡଣ୍ଡି, ଏସେକ ମଲ୍ଲିକ, ଦେବାଶିସ ଜେନା, ଆରଏନ ବେହେରା, ଭାଗ୍ୟଧର ପରିଡା, ନିରଂଜନ ଧଳ, ଜିଏନ ବେହେରା, ବିକାଶ ନାୟକ, ସଂଜୟ ଓରାମ, ପିନୁ ପାଲ୍, ଦିପକ ଗଡନାୟକ, ଜେଈଶ୍ୱର ସାହୁ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ବଛିରାମ ବେହେରା, ପଟିକ ଖଡଙ୍ଗି, ପ୍ରତାପ ସ୍ୱାଇଁ, ଶ୍ରିକାନ୍ତ ସାହୁ, ରାଜେଶ ଟିର୍କି, ସୌମ୍ୟ ପଣ୍ଡା, ଚେଇନ ସାହୁ, ଗୌରାଙ୍ଗ ପରିଡା, ଦେବାଶିଷ ଜେନା ପ୍ରମୁଖ ସହଯୋଗ କରିଥିଲେ।


MM-419

OIPR- 08044/11/0019/2324

Divisional Forest Officer,
Rourkela Forest Division.

Affidavit

I, LOPAMUNDRA RAY, aged about 40 years, D/o.Jatadhari Majhi, (Father) & Gouribala Majhi, (Mother), at present residing at SD-12, Shaktinagar, PO.Rourkela-14, PS.Sec-3 , Dist:Sundargarh, Odisha do hereby solemnly affirm and declare as follows: That, my fathers correct name is **Jatadhari Majhi**, and my mothers correct name is **Gouribala Majhi**. That,in my High School Certificate Examination issued by Board of Secondary Education, Odisha vide certificate no.A199.028768, Serial No.M0427782, dtd. 20th November, 1999 wherein my father's name has been mentioned as JATADHARI MAJHEE in place of JATADHARI MAJHI & my mother's name has been mentioned as GOURIBALA MAJHEE in place of GOURIBALA MAJHI.That, in my Odisha Teacher Eligibility Test (2nd) 2016 issued by Board of Secondary Education, Odisha vide certificate no. 16285354, Serial No. 16265354 dtd.25/01/2017 wherein my father's name has been mentioned as JATADHARI MAJHEE in place of JATADHARI MAJHI. That, both the name JATADHARI MAJHI & JATADHARI MAJHEE stands for one and same person i.e. my father and **GOURIBALA MAJHI** & GOURIBALA MAJHEE stands for one and same person i.e. my mother.

Deponent.

AFFIDAVIT

By virtue of an affidavit before the Executive Magistrate/Notary, Uditnagar, Rourkela.I, PALTU KUJUR, aged about 59 years, S/o.Pandru Kujur, resident of Dhodibahal, PO : Kadobahal, PS : Birmitrapur, Dist. Sundargarh, Odisha, PIN : 770033 do hereby solemnly affirm and declare as follows: 1.That, my correct name is PALTU KUJUR which is mentioned in my Aadhaar Card vide No. 5235-4585-2747. 2. That, in my RPLI vide policy No.R-OR-EA-224797 my name has been mentioned as PRALATU KUJUR, in my SB pass Book vide No. 4794046589 my name has been mentioned as PALATU KUJUR in place of my correct name PALTU KUJUR. That ,both the names PALTU KUJUR, PRALATU KUJUR & PALATU KUJUR stands for one and same person i.e. myself. That, I am swearing this affidavit to produce it before the competent authority as a token of proof of my aforementioned declaration for necessary compliance.

Deponent.





ଏନ୍ଆଇଟି ରାଉରକେଲାର ୨୧ତମ ସମାବର୍ତ୍ତନ ସମାରୋହରେ ୧,୯୮୮ ଡିଗ୍ରୀଧାରୀଙ୍କୁ ସମ୍ମାନୀତ

୨୪ତମ ଏଂଟରପ୍ରାଇଜ୍ ଓଡିଶାରେ ସେଲ ରାଉରକେଲା ଇସ୍ପାତ କାରଖାନାର ଷ୍ଟଲ୍ ଉଦଘାଟିତ



ରାଉରକେଲା, ୨୦/୧ (ନି/ପ୍ର) :ଜନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ଦ୍ୱାରା ଓଡିଶା ସରକାରଙ୍କ ମିଳିତ ସହଯୋଗରେ ଡାରସୁଗୁଡାରେ ଆୟୋଜିତ ୩ ଦିନିଆ ୨୪ତମ ଏଂଟରପ୍ରାଇଜ୍ ଓଡିଶାରେ ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଏକ ଆକର୍ଷଣୀୟ ଷ୍ଟଲ୍କୁ ଆରଏସପି ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୋମନାଥ ତ୍ରିପାଠୀ ଜାନୁଆରୀ ୧୯ ତାରିଖରେ ଉଦଘାଟନ କରିଥିଲେ । ଏହି ଅବସରରେ ଆରଏସପିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଆରଏସପିର ବରିଷ୍ଠ ଅଧିକାରୀଙ୍କ ଗହଣରେ ଶ୍ରୀ ତ୍ରିପାଠୀ ଏହି ଷ୍ଟଲ ବୁଲି ଦେଖିବା ସହିତ ବୈଷୟିକ ନବସୃଜନ ଏବଂ ସ୍ୱାୟୀ ଅଭ୍ୟାସ ବିଗରେ ନିରନ୍ତର ଉଦ୍ୟମ ପାଇଁ ଇସ୍ପାତ କାରଖାନାର ପ୍ରତିବଦ୍ଧତାକୁ ବୋହରାଇଥିଲେ। ଉକ୍ତ ଇଭେଂଟର ଦ୍ୱିତୀୟ ଦିବସିୟିକ ଅଧିବେଶନରେ ଶ୍ରୀ ତ୍ରିପାଠୀ ସମ୍ବୋଧିତ କରି ୫୪୩୯; ଓଡିଶା ରେ ସୁଯୋଗ୫୪୩୯; ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ଅଡିଓ ଭିଜୁଆଲ୍ ସହିତ ସମୃଦ୍ଧ ଆରଏସପିର ମଡବିନିମୟକାରୀ ପ୍ରବର୍ଗନା ଆଧୁନିକ ଓଡିଶାର ଶିଳ୍ପ କୋଣାର୍କ ରୂପେ ବିବିଦ ରାଉରକେଲା ଇସ୍ପାତ କାରଖାନାର ବୃଦ୍ଧିଜ ଯାତ୍ରା, ଏହାର ନବସୃଜନତା, ଉତ୍କୃର୍ଷତା ଏବଂ ନିରନ୍ତର ବିକାଶ ପାଇଁ ଇସ୍ପାତ୍ଗର୍ଭୁକ୍ତତାକୁ ବର୍ଣ୍ଣାଇଛି । ପରିଦର୍ଶକଙ୍କୁ ଆକର୍ଷିତ କରିବା ପାଇଁ ନିର୍ମିତ ଏହି ଷ୍ଟଲ୍ ପ୍ୟାଟର ଅତ୍ୟାଧୁନିକ ପ୍ରଗତି ପ୍ରଦର୍ଶନ କରେ ଏବଂ ଇସ୍ପାତ ଶିଳ୍ପରେ ଆରଏସପିର ମହତ୍ୱପୂର୍ଣ ଅବଦାନ ତଥା ସମସ୍ତ ଅଂଶ, ରାଜ୍ୟ ତଥା ଦେଶର ଆର୍ଥିକ ଦୃଶ୍ୟ ଉପରେ ଏହାର ପ୍ରଭାବକୁ ଆଲୋକପାତ କରୁଛି। ଏହି କାର୍ଯ୍ୟକ୍ରମ ରେ ଶିକ୍ଷପତିଙ୍କ ଠାରୁ ଆରମ୍ଭ କରି ବୃଦ୍ଧାରୀ, ଛାତ୍ରଛାତ୍ରୀ, ଗ୍ରାହକ, ବ୍ୟବସାୟ ସହଭାଗୀ ତଥା ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଆରଏସପି ଷ୍ଟଲ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା ଯେଉଁମାନେ ଇସ୍ପାତ ଜଗତ ଓ ଆରଏସପିର ଅଗ୍ରଗତି ସମ୍ପର୍କରେ ଜାଣିବା ପାଇଁ ଉତ୍ସୁକତା ପ୍ରକାଶ କରିଥିଲେ ।

ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

ରାଉରକେଲା, ୨୦/୧ (ନି/ପ୍ର): ସେଷର ୨୦ଗୁଡ଼ିଚ ଜୋଏଲ ବିଦ୍ୟାପୀଠ ଠାରେ ଉଚ ବିଦ୍ୟାଳୟ ସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାପୀଠ ର ପ୍ରଧାନ ଶିକ୍ଷକ ଜମଳାକାନ୍ତ ରାଉତ ଙ୍କ ସଭାପତିତ୍ୱ ଓ ବରିଷ୍ଠ ଶିକ୍ଷକ ଅରୁଣ କୁମାର ସ୍ୱାଇଁ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବର୍ତ୍ତାଲିଙ୍କ ଆସୋସିଏସନ୍ର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ବିଶ୍ଭା ସହ ଶିକ୍ଷାଧିକାରୀ ଆରତୀ ପ୍ରଧାନ,କବି ତଥା ନାଟ୍ୟ ନିର୍ଦ୍ଦେଶକ ଅଭିରାମ ପ୍ରଧାନ, ଜଗୟିତ୍ରୀ ସମ୍ବିତା ପ୍ରଧାନ, ପରିଚାଳନା କମିଟିର ପ୍ରାକ୍ତନ ସଭାପତି ତଥା ବର୍ତ୍ତମାନର ସଦସ୍ୟ ପଦୁନାଭ ବାଶ ପ୍ରମୁଖ ଯୋଗଦେଇ

ମାନବିକତା ପରିବାର ତରଫରୁ ଅଷ୍ଟମ ପର୍ଯ୍ୟାୟ 'ଜୀବନ ଧାରା' ରକ୍ତଦାନ ଶିବିର



ରାଉରକେଲା, ୨୦/୧ (ନି/ପ୍ର) :ରକ୍ତଦାନ ମହାପୁଣ୍ୟ ଏହାକୁ ଅନୁସରଣ କରି ଆଜି ମାନବିକତା ପରିବାର ତରଫରୁ ଅଷ୍ଟମ ପର୍ଯ୍ୟାୟ 'ଜୀବନ ଧାରା ' ରକ୍ତଦାନ ଶିବିର ପତିଲାଇନ୍ର ଅଂଚଳର ଡଳବାଲିଯୋଡି ଶିପ୍ରେଶ୍ୱର ମନ୍ଦିର ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଯୁବନେତା ତରୁଣ ସେଠୀ ଙ୍କ ପୃଷ୍ଠପୋଷକତା ରେ ପ୍ରତାପ ପାଢ଼ୀ ଏବଂ ନିଲୁ ସେଠୀ ଙ୍କ ନେତୃତ୍ୱ ରେ ଏହି ଶିବିର କୁ ମାନବିକତା ର ଅଧଖ ତଥା ରଘୁନାଥପଲ୍ଲୀ ନିର୍ଦ୍ଦୀତ ମଣ୍ଡଳୀ ର ବିଧାୟକ ପ୍ରାର୍ଥୀ ଶ୍ରୀଯୁକ୍ତ ପ୍ରଶାନ୍ତ ସେଠୀ ଅନୁଷାନିକ ଭାବେ ଉଦଘାଟନ କରିଥିଲେ । ଏହି ରକ୍ତଦାନ ଶିବିର ରେ ଯୁବକ ମାନେ ସ୍ୱେଚ୍ଛାକୃତ ଭାବେ ଆସି ନିଜର ଆଗ୍ରହ ଦେଖାଇ ରକ୍ତଦାନ କରିଥିଲେ । ଏହି 'ଜୀବନ ଧାରା ' ରକ୍ତଦାନ ଶିବିର ରେ ମାସର ପ୍ରତେକ ଶନିବାର ଦିନ ରକ୍ତ ସଂଗ୍ରହ କରି ମାସକୁ ଅତିକମରେ ୧୦୦ ୟୁନିଟ ରକ୍ତ ରାଉରକେଲା ସରକାରୀ ଡାକ୍ତରଖାନା କୁ ପ୍ରଦାନ କରାଯିବ ବୋଲି ମାନବିକତା ପରିବାର ପ୍ରାରମ୍ଭ ରୁ ସଂକଳ୍ପ କରିଥାସିଛି ଆଜି କାର୍ଯ୍ୟକ୍ରମ ରେ ମଧ୍ୟ ୨୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ଶ୍ରୀଯୁକ୍ତ ପ୍ରଶାନ୍ତ ସେଠୀ ଏହି କାର୍ଯ୍ୟକ୍ରମ କୁ ଯୁବବନ୍ଧୁ ନିଜ ଆରମିକତା ସହ ସେବା ମନଭାବ ନେଇ ଶାନ୍ତି ଶୃଙ୍ଖଳା ରେ ସମାପନ କରିଥିବାରୁ ପରିବାର ର ସମସ୍ତ ସଦସ୍ୟ ଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜଣାଇଥିଲେ ଏବଂ ଆଗାମୀ ଦିନରେ ଏହିରକ୍ତଦାନ ଶିବିର କରି ଜନସାଧାରଣ ଙ୍କ ପ୍ରତି ଏହି ପ୍ରକାର ର ସେବା କାରିଖଲ୍ଯାକୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବନବିହାରୀ ରଥ, ସୁଭାଶିଷ ନାୟକ, ଚନ୍ଦୁୟ ସେଠୀ, ପ୍ରତାପ ପାଢ଼ୀ, ନିଲୁ ସେଠୀ,ସରୋଜ ନାୟକ,ବିଶ୍ୱ ରଞ୍ଜନ ରାଉତ ଉପସ୍ଥିତ ଥିଲେ ।

ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର



ରାଉରକେଲା, ୨୦/୧ (ନି/ପ୍ର): ସହରର ସବପୁରାତନ ସାହିତ୍ୟ ଓ ସାଂସ୍କୃତିକ ଅନୁଷାନ ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର ଆଦର୍ଶ ସାହିତ୍ୟ ଘର ଠାରେ ଅନୁଷ୍ଠିତ ହୋଇଯାଇଛି । ପାଠାଗାରର ସଭାପତି ଚନ୍ଦ୍ରେଖର ଶତପଥୀଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ସୁଜାତ ଚନ୍ଦ୍ର ଖୁଣ୍ଟିଆ ଙ୍କ ଆବାହକତ୍ୱ ତଥା ସାହିତ୍ୟ ବିଭାଗର ଦାୟିତ୍ୱର ଥିବା ଉପସଭାପତି ଡ଼ଃ ସନାତନ ପ୍ରଧାନ ଙ୍କ ସଂଯୋଜନାରେ ଅଯୋଜିତ ଏହି ଆସରେ ଅଭୟ କୁମାର ଦାସ ମୁଖ୍ୟ ଅତିଥି ଓ ବରିଷ୍ଠ ସାୟାତିକ ସତ୍ୟାନନ୍ଦ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଗାଲାତ୍ୟ ବିଷୟ ଓଡ଼ିଆ ସାହିତ୍ୟ ଓ ସାୟାତିକତାର ଅନନ୍ୟ ପ୍ରତିଭା ଗୋଦାବରୀଶ ମହାପାତ୍ର ଙ୍କ ସମ୍ପର୍କରେ ଅଗାଲାତନା କରିଥିଲେ । ମୁଖ୍ୟବକ୍ତା ଶ୍ରୀ ବେହେରା ଅଗାଲାତ୍ୟ ବିଷୟରେ ଅଗାଲାତନା କରି କହିଲେ ଯେ ଗୋଦାବରୀଶ ମହାପାତ୍ର ଙ୍କ ସାହିତ୍ୟ ରେ ସାମାଜିକ ଦୃଷ୍ଟିଭଙ୍ଗୀ, ମାନବୀୟ ମୂଲ୍ୟବୋଧ ସହ ସେନ୍ଦନଶୀକତା, ଲୋଙ୍କ ପାଇଁ ଲେଖିଥିଲା ସ୍ୱତନ୍ତତା । ନିଆଁଖୁଟାଂରେ ତାଙ୍କର ନିରେପକ୍ଷ ଶାଣିତ ଲେଖା ଆଜିବି ଜନମାନସେର ଉଦଘାଟିତ ହେଇଥିବା ଦେବେ ସେଇଜି ଲେଖା ତାଙ୍କର ସ୍ୱତନ୍ତ ପରିବେଶ ସୃଷ୍ଟି କରିଥିଲା । ମୁଖ୍ୟଅତିଥି ଶ୍ରୀ ଦାସ ପାଠାଗାରର ସାହିତ୍ୟ ପ୍ରତି ପ୍ରତିବଦ୍ଧତା କୁ ପ୍ରଶଂସା କରିବା ସହ ଗୋଦାବରୀଶଙ୍କ ଭଳି ବିଭିନ୍ନ ସାହିତ୍ୟିକ ମାନଙ୍କ ଅଗାଲାତନା ବେଶ ଉପଯୋଗ ହେଇଛି ବୋଲି ମତ ରଖିଥିଲେ । ପ୍ରାରମ୍ଭରେ ସଭାପତି ଶ୍ରୀ ଶତପଥି ସଭାପତିତ୍ୱ ଅଭିଭାଷଣ ରଖିଥିବା ବେଳେ ସଂସ୍ଥାଳକ ଡ଼ଃ ପ୍ରଧାନ କାର୍ଯ୍ୟକ୍ରମର ଆଲିମୁଖ୍ୟ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଗାହିକ ଜାଶୀନାଥ ନନ୍ଦୀ ଗଳ୍ପ ପାଠ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଜଣି ନିରୁପମା ପତି ଓ ଗୌତମ ବାସ ଙ୍କ ସଂଯୋଜନାରେ ସବର୍ଣ୍ଣୀ କୁଞ୍ଜବିହାରୀ ରାଉତ, ପ୍ରତାପ କୁମାର ପଣ୍ଡା,ଡ଼ଃ ଜୟନ୍ତୀ ପାଢ଼ୀ, ତୁଜ ବିହାରୀ ବାଶ, ସୁଶାନ୍ତ ନାୟକ, ସାଗର ମହାନ୍ତି, ପ୍ରଭାତ କୁମାର ବଳ, ବିଜୟ ରାୟ, ସଞ୍ଜୀବ କୁମାର ଭୋଇ, ଆଶୁତୋଷ ଦ୍ୟେ।ତିଷୀ ଓ ସଂଚ୍ଚାଳକ ଦୃୟ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟେର ଜୟଶ୍ରୀ ବାସ, ଜଟୁସେନ ମହାପାତ୍ର,ଅଂଶୁମ ରଥ, ମେନାଜ ପଣ୍ଡା,ତ୍ରା ବସନ୍ତ ବାସ, ଅର୍ଚ୍ଚନା ମହାନ୍ତି, ବନ୍ଦିତାବିନୀ ପ୍ରଧାନ, ପଚାନ୍ନନ ପାତ୍ର, ଛାନନ୍ଦ ବାଶ, ଦୀନବନ୍ଧୁ ରଥ,ଇନ୍ଦ୍ରାବତୀ ମିଶ୍ରା, ବିଶ୍ୱଜିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ବିଜୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।